Bhubaneswar- 22 may 2026
ଭୁବନେଶ୍ୱର- ୨୨ ମେ' ୨୦୨୬
Vol- 1 Issue - 26
ଭାଗ- ୧ ସଂଖ୍ୟା- ୨୬
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA

୩୦ ଜିଲ୍ଲା ୩୧୪ ବ୍ଲକ ପାଇଁ
ସାମ୍ବାଦିକ ଆବଶ୍ୟକ
ଓଡ଼ିଶାର ଏକମାତ୍ର ଡିଜିଟାଲ ନ୍ୟୁଜ୍ ଚ୍ୟାନେଲ
<ଯୋଗାଯୋଗ>
ପରିଚାଳକ
ପ୍ରତିଶବ୍ଦ, ଭୁବନେଶ୍ୱର
ମୋ - ୯୬୯୨୭୦୧୦୦୭

### ରାଜ୍ୟରେ ତୈଳ ସଙ୍କଟ

# ପ୍ରଶାସନ ପାଇଁ ମୁଖ୍ୟମନ୍ତ୍ରୀ ଜାରି କଲେ ୮ ସୂତ୍ରୀ ମାର୍ଗଦର୍ଶିକା

## ❖ ଜୁନ ପହିଲାରୁ ଇଭି ବାଧ୍ୟତାମୂଳକ



**ଭୁବନେଶ୍ୱର:** ପଶ୍ଚିମ ଏସିଆରେ ଯୁଦ୍ଧ ପରିସ୍ଥିତି ଯୋଗୁ ଦେଶରେ ତୈଳ ସଙ୍କଟର ଆଶଙ୍କା ସୃଷ୍ଟି ହୋଇଛି। ଆଉ ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲ ଓ ଡିଜେଲ୍ ଖର୍ଚ୍ଚ ଉପରେ ସରକାରୀସ୍ତରରେ ଅଙ୍କୁଶ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କଡ଼ା ନିଷ୍ପତ୍ତି ନେଇଛନ୍ତି। ଜୁନ୍ ପହିଲାରୁ ରାଜ୍ୟର ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଯାହାବି ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ ତାହା ବୈଦ୍ୟୁତିକ ଯାନ ବା ଇଭି ହେବା ସମ୍ପୂର୍ଣ୍ଣ ବାଧ୍ୟତାମୂଳକ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।ତୈଳ ସଙ୍କଟର ମୁକାବିଲା ଓ ସରକାରୀ ଗାଡ଼ିଗୁଡ଼ିକର ବ୍ୟବହାର ହ୍ରାସ ନିମନ୍ତେ ରାଜ୍ୟ ପ୍ରଶାସନ ପାଇଁ ୮ସୂତ୍ରୀ ଗାଇଡଲାଇନ୍ ଜାରି କରି ଏହାକୁ ତୁରନ୍ତ ରାଜ୍ୟରେ ଲାଗୁ କରିବାକୁ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଜାରି କରିଥିବା ୮ଟି ନିର୍ଦ୍ଦେଶନାମା ଅନୁସାରେ, ଏଣିକି ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ ଓ କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ କେବଳ ଭର୍ଚୁଆଲ ମୋଡରେ ହିଁ କରାଯିବ। ଯେଉଁଠି ପ୍ରତ୍ୟକ୍ଷ ଉପସ୍ଥିତିର ଅତି ଆବଶ୍ୟକତା ଥିବ, ସେଠାରେ କେବଳ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନେ ହିଁ ସିଧାସଳଖ ଯୋଗ ଦେଇପାରିବେ ଏବଂ ବାକି ଅନ୍ୟ ସମସ୍ତେ ଭର୍ଚୁଆଲ ମୋଡରେ ଯୋଗ ଦେବେ। ସେହିପରି ଆସନ୍ତା ଜୁନ୍ ପହିଲାରୁ ସରକାରୀ ଅଫିସଗୁଡ଼ିକରେ ଯେଉଁ ନୂଆ ଦୁଇଚକିଆ ଓ ଚାରିଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ବା ଇଭି ହେବା ସମ୍ପୂର୍ଣ୍ଣ ବାଧ୍ୟତାମୂଳକ। କେବଳ ବିଶେଷ ଆବଶ୍ୟକତା ଥିଲେ ହିଁ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ। ଏପରିକି ଜୁନ୍ ପହିଲାରୁ ସରକାରୀ ଅଫିସରେ ଭଡ଼ା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନ ଗୁଡ଼ିକ ମଧ୍ୟ ଇଭି ହେବା ବାଧ୍ୟତାମୂଳକ।ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ଗାଡ଼ି ପାଇଥିବା ବରିଷ୍ଠ ଅଧିକାରୀମାନେ ଏଣିକି ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ ଓ ସେହି ଅନୁଯାୟୀ ସରକାରୀ ଯାନ ବ୍ୟବହାର ପାଇଁ ମିଳୁଥିବା ରାଶିର ପରିମାଣକୁ ମଧ୍ୟ ଅଧା କରାଯିବ। ପ୍ରଶାସନର କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥ ବିଭାଗ ଆସନ୍ତା ୧୫ ଦିନ ମଧ୍ୟରେ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରିବ। ସେହିପରି ଦୂରସ୍ଥାନକୁ ପରିଦର୍ଶନରେ କିମ୍ବା ସରକାରୀ ଟୁରରେ ଗଲାବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ । ଯେଉଁ ଅଧିକାରୀମାନଙ୍କର ନିଜସ୍ୱ ବୈଦ୍ୟୁତିକ ଗାଡ଼ି ରହିଛି, ସେମାନେ ସରକାରୀ ଅଫିସରେ କିଭଳି ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ମଧ୍ୟ ଅର୍ଥବିଭାଗ ପକ୍ଷରୁ ଗାଇଡଲାଇନ ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ସରକାରୀ କର୍ମଚାରୀମାନଙ୍କ ସୁବିଧା ପାଇଁ, ଯେଉଁ ସ୍ଥାନଗୁଡ଼ିକରେ ବହୁଳ ମାତ୍ରାରେ ସରକାରୀ କର୍ମଚାରୀ ରହୁଛନ୍ତି, ସେଠାରୁ ଅଫିସ୍ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନିବସ୍ ସେବା ଯୋଗାଇ ଦିଆଯିବ। ସରକାରୀ ଗାଡ଼ି ଗୁଡ଼ିକର ଚଳପ୍ରଚଳ ବାବଦକୁ ମାସିକ ପେଟ୍ରୋଲ ଓ ଡିଜେଲ ବ୍ୟବହାର ପରିମାଣ ଯେପରି ଅତିକମରେ ୧୦ ପ୍ରତିଶତ କମିବ, ସେ ଦିଗରେ ସମସ୍ତ ଅଫିସ୍ ସୁଚିନ୍ତିତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଚଣ୍ଡ ଖରାରେ ସିଝିଲା ସାରା ଓଡ଼ିଶା

## ୪୨ ଡିଗ୍ରୀ ସହ ରାଜଧାନୀରେ ଏବର୍ଷର ରେକର୍ଡ ତାତି

**ଭୁବନେଶ୍ୱର :** ଘରୁ ବାହାରିଲେ ଲାଗୁଛି ଯେମିତି ନିଆଁ କୁଣ୍ଡ ଭିତରେ ପଶିଯାଉଛି। ସକାଳୁ ସୂର୍ଯ୍ୟର ତେଜ, ଦିନ ବଢ଼ିବା ସହ ତାତିର ତାଣ୍ଡବ। ତାଳୁରୁ ତଳିପା ଯାଏଁ ତତାଇ ଦେଉଛି। ଅସହ୍ୟ ଗରମ ଓ ଗୁଳୁଗୁଳି, ସନ୍ତୁଳି ହେଉଛି ସାରା ଓଡ଼ିଶା। ଲଗାତର କିଛି ଦିନ ଭଳି ଆଜି ବି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହରେ ଅଣନିଶ୍ୱାସୀ ରାଜ୍ୟବାସୀ। ଇଏ ଓଡ଼ିଶାର 'ବାନ୍ଦା' ଝାରସୁଗୁଡ଼ାର ଦୃଶ୍ୟ। ଦିନ ୧୨ଟା ବେଳକୁ ପାରଦ ପାର କରି ସାରିଥିଲା ୪୨ ଡିଗ୍ରୀ। ଆଉ ସାଢେ ଦୁଇଟା ସୁଦ୍ଧା ତାତିର ମିଟର ଛୁଇଁଥିଲା ୪୪ ଡିଗ୍ରୀ। ଫଳରେ ରାସ୍ତାରେ ଲୋକବାକ କି ଗାଡ଼ି ମୋଟର ଅପେକ୍ଷା ଅଧିକ ରାଜ୍ କରୁଥିଲା ଖରା। ସେହିଭଳି ପଶ୍ଚିମ ଓଡ଼ିଶାର ସମ୍ବଲପୁର, ହୀରାକୁଦ, ସୋନପୁର ଭଳି ସ୍ଥାନରେ ବି ସତେ ଯେମିତି ତତଲା କଡେଇରେ ଭାଜି ହେଉଥିଲେ ଲୋକେ। ଏପଟେ ରାଉରକେଲା, ଅନୁଗୁଳ ଓ କେନ୍ଦୁଝରରେ ବି କିଛି କମ୍ ନଥିଲା ଖରାର ପ୍ରକୋପ। ଏ ସବୁ ଅଞ୍ଚଳରେ ପାରଦ ୪୦ ଡିଗ୍ରୀ ଉପରେ ଥିବାରୁ ଅସ୍ତବ୍ୟସ୍ତ ହୋଇଥିଲା ଲୋକେ, ପ୍ରଭାବିତ ହୋଇଥିଲା ଜନଜୀବନ।ଆଜିର ଅଗ୍ନି ବର୍ଷା କେବଳ ପଶ୍ଚିମରେ ସୀମିତ ନଥିଲା। ପୂର୍ବ ଓ ଉପକୂଳ ଓଡ଼ିଶାରେ ଭୀଷଣ ଖରା ସାଙ୍ଗକୁ ଅସହ୍ୟ ଗୁଳୁଗଳିରେ ଆକ୍ରାମାକ୍ରା ହୋଇଥିଲେ ଲୋକେ। ଦିନ ସାଢେ ୨ଟା ସୁଦ୍ଧା ୪୧ ଡିଗ୍ରୀ ଡେଇଁ ସାରିଥିଲା ରାଜଧାନୀର ତାପମାତ୍ରା। ଫଳରେ ଦିନ ୧୨ଟାରୁ ୩ ଯାଏଁ ଯେମିତି ଠପ୍ ହୋଇଥିଲା ବ୍ୟସ୍ତବହୁଳ ଭୁବନେଶ୍ୱରର ରାସ୍ତାଘାଟ।ହିଟ୍ ଡୋମ୍ କାମ କରୁଛି ।

## କେନ୍ଦୁଝରରେ କାଳବୈଶାଖୀ ତାଣ୍ଡବ; ୩ ମୃତ

### ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**କେନ୍ଦୁଝର:** ଗୋଟିଏ ପଟେ ପ୍ରଚଣ୍ଡ ଖରା ଯୋଗୁ ଲୋକେ ସନ୍ତୁଳି ହେଉଥିବା ବେଳେ ଅନ୍ୟ ପଟେ କାଳବୈଶାଖୀର ତାଣ୍ଡବରେ ଚାଲିଯାଇଛି ୩ଟି ଜୀବନ। କେନ୍ଦୁଝର ଟାଉନ ଥାନା ନରଣପୁରରେ ଘଟିଛି ଏହି ଘଟଣା। ଗୁରୁବାର ଅପରାହ୍ନରେ ପ୍ରବଳ ବର୍ଷା ଓ ପବନ ଯୋଗୁ ନରଣପୁରରେ ଏକ ଟେଷ୍ଟ ହାଉସ୍ କାଠ ବ୍ୟାଟନ୍ ଥିବା ଭାଡ଼ି ଭୁଶୁଡ଼ି ପଡ଼ିଥିଲେ। ଫଳରେ ତା' ତଳେ ଶୋଇଥିବା ୪ ଜଣ ବ୍ୟକ୍ତି ଚାପି ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ଆଉ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।ସ୍ଥାନୀୟ ଲୋକେ ସେମାନଙ୍କୁ ଭୁଶୁଡ଼ି ପଡ଼ିଥିବା କାଠ ବ୍ୟାଟନ ଭାଡ଼ାରୁ ବାହାର କରିପାରି ନଥିଲେ। ଅଗ୍ନିଶମ ବାହିନୀ ଆସି ସେମାନଙ୍କୁ ବାହାର କରିଥିଲା। ସେତେବେଳକୁ ୩ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ୍ ଓ ତହସିଲଦାର ବି ସେଠାରେ ପହଞ୍ଚିଥିଲେ। ଗୁରୁତର ଆହତ ଯୁବକଙ୍କୁ ଡାକ୍ତରଖାନା ପଠାଯାଇଥିଲା। ଅନ୍ୟପକ୍ଷରେ କାଳବୈଶାଖୀ ଜନିତ ପ୍ରବଳ ପବନରେ ହରିଡ଼ାଗୋଠରେ ଏକ ଘର ଭାଙ୍ଗି ଯିବାରୁ ଜଣେ ଗୁରୁତର ଆହତ ହୋଇଛନ୍ତି। କେନ୍ଦୁଝର ଭଳି ଯାଜପୁରର ବିଭିନ୍ନ ସ୍ଥାନରେ କାଳବୈଶାଖୀ ବର୍ଷା ଓ ପବନ ହୋଇଛି। ନରଣପୁର ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ସେମାନଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

### ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅଘଟଣ

# ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଯାଇଥିବା ବେଳେ ନାବାଳିକାଙ୍କୁ ବଳାତ୍କାର

**ଝାରସୁଗୁଡ଼ା:** ରୋଗୀ ସେବା ପାଇଁ ଉଦ୍ଦିଷ୍ଟ ପବିତ୍ର ଚିକିତ୍ସାଳୟ ପରିସରରେ ଘଟିଯାଇଛି ଏକ ସଙ୍ଗୀନ ଓ ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜଣେ ନାବାଳିକା ଆଟେଣ୍ଡାଣ୍ଟ (ସହଯୋଗୀ)ଙ୍କୁ ବଳାତ୍କାର କରାଯାଇଥିବା ନେଇ ସାଂଘାତିକ ଅଭିଯୋଗ ହୋଇଛି । ଏହି ଘୃଣ୍ୟ କାଣ୍ଡର ମୁଖ୍ୟ ଅଭିଯୁକ୍ତ ସମେତ ତାକୁ ସହଯୋଗ କରିଥିବା ଜଣେ ଯୁବତୀ ଯୁବକଙ୍କୁ ଏୟାରପୋର୍ଟ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜଣେ ନାବାଳିକା ନିଜ ସମ୍ପର୍କୀୟଙ୍କ ଚିକିତ୍ସା ପାଇଁ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ଥିଲେ। ନାବାଳିକା ଜଣକୁ ସେଠାରେ ଏକାକୀ ଦେଖି ବୁରୋମାଲ ଗଉନ୍ତିଆପଡ଼ା ଅଞ୍ଚଳର ରାଜା ବେସନ (୨୪) ନାମକ ଜଣେ ଯୁବକ ତାଙ୍କୁ ଜୋରଜବରଦସ୍ତ ବଳାତ୍କାର କରିଥିଲେ ।ଏହି ଜଘନ୍ୟ ଅପରାଧରେ ତାଙ୍କୁ ସ୍ଥାନୀୟ ଅଞ୍ଚଳର ଆକାଶ ପ୍ରଧାନ (୨୦) ଏବଂ ତୃପ୍ତି ନାଏକ (୧୯) ନାମକ ଜଣେ ଯୁବତୀ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ଏୟାରପୋର୍ଟ ଥାନା ଆଇଆଇସି ପ୍ରଶାନ୍ତ କୁମାର ସେଠୀଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏ ନେଇ ମାମଲା ନମ୍ବର ୧୦୨/୨୦୨୬ ରେ ପୋକ୍ସୋ ଆକ୍ଟ ଏବଂ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ କଠୋର ଧାରାରେ ମାମଲା ରୁଜୁ କରି ଚଢ଼ାଉ ଜାରି ରଖିଥିଲା। ପୋଲିସ ନିଜ ତଦନ୍ତକୁ ଜୋରଦାର କରି ବୁଧବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଅପରାଧରେ ସହଯୋଗ କରିଥିବା ସହଯୋଗୀ ଆକାଶ ପ୍ରଧାନ ଓ ତୃପ୍ତି ନାଏକଙ୍କୁ ବୁରୋମାଲ ଅଞ୍ଚଳରୁ ଗିରଫ କରିଥିଲା। ଏହାପରେ ସେମାନଙ୍କ ସୂଚନା ଆଧାରରେ ଫେରାର ହେବାକୁ ଚେଷ୍ଟା କରୁଥିବା ମୁଖ୍ୟ ଅଭିଯୁକ୍ତ ରାଜା ବେସନକୁ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ପୋଲିସ କାବୁ କରିବାରେ ସଫଳ ହୋଇଥିଲା।ଜିଲା ମୁଖ୍ୟ ଚିକିତ୍ସାଳୟ ପରି ଏକ ଜନଗହଳିପୂର୍ଣ୍ଣ ଏବଂ ସୁରକ୍ଷିତ ସ୍ଥାନରେ ଜଣେ ନାବାଳିକାଙ୍କ ସହ ଏଭଳି ବର୍ବରୋଚିତ କାଣ୍ଡ ଘଟିବା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଓ ଉଦ୍‌ବେଗ ସୃଷ୍ଟି କରିଛି। ଅଭିଯୁକ୍ତମାନଙ୍କୁ କଠୋରରୁ କଠୋର ଦଣ୍ଡ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି। ପୋଲିସ ପୀଡ଼ିତାଙ୍କ ଡାକ୍ତରୀ ମାଇନା କରାଇବା ସହ ଘଟଣାର ଅଧିକ ସୂଚନା ପାଇଁ ଅଗ୍ରଗତି ତଦନ୍ତ ଜାରି ରଖିଛି।

### ରଥଖଳା ଚଳଚଞ୍ଚଳ ୩୧ ଦିନରେ

# ୧୮ ଟି ଅଖ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି



**ପୁରୀ:** ଜୁଲାଇ ୧୬ ତାରିଖ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ବଡଦାଣ୍ଡ ସ୍ଥିତ ରାଜା ନଅର ସମ୍ମୁଖ ରଥଖଳା ଏବେ ଚଳଚଞ୍ଚଳ ।ତିନିରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି । ରଥ ନିର୍ମାଣର ୩୧ ତମ ଦିବସରେ ନିର୍ମାଣକାରୀ ସେବକ ମାନେ ରଥ କାର୍ଯ୍ୟରେ ନିମଗ୍ନ ରହିଛନ୍ତି । ତିନିରଥର ୪୨ ଗୋଟି ଚକ ନିର୍ମାଣ ଶେଷ ପରେ ଆରମ୍ଭ ହୋଇଯାଇଛି ତିନିରଥର ଅଖ ନିର୍ମାଣ କାର୍ଯ୍ୟ, ତତ୍ ସହିତ ରଥର ବିଭିନ୍ନ ଅଂଶ ର ନିର୍ମାଣ କାର୍ଯ୍ୟ, ସମସ୍ତ ଅଖ ନିର୍ମାଣ ପରେ ପାଞ୍ଚ ଦଣ୍ଡା ଚଉପଟ ହୋଇ ସେଥିରେ ଉଭୟ ପଟରେ ମୁଂହାଟି ସଂଯୋଗ ହୋଇ ପ୍ରସ୍ତୁତ ହେବ ରଥ ଫ୍ରେମ୍, ଏହି ଫ୍ରେମ୍ ର ଉଭୟ ପାର୍ଶ୍ୱରେ କୁତୁକା ଦ୍ୱାର ସଂଯୁକ୍ତ ହେବ ପାର୍ଶ୍ୱଦଣ୍ଡା , ପାଞ୍ଚ ଦଣ୍ଡାର ଆଗ ଏବଂ ପଛରେ ଗରଗରା ପଡ଼ି ଉଠିବ ଚାରି ନାହାକା, ଚାରି ନାହାକା ର ଚତୁର୍ପାର୍ଶ୍ୱରେ ଉଠିବ ଚଉଦ ନାହାକା , ଏହାପରେ ତିନି ରଥର ଭୂଇଁ ସ୍ଥାପନ, ଏହି କ୍ରମରେ ତିନି ରଥ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତିଶୀଳ ହୋଇଛି ରଥ ନିର୍ମାଣ କାର୍ଯ୍ୟ। ଆରମ୍ଭ ହେଲା ତିନିରଥ ବାକି ୧୮ ଗୋଟି ଅଖ ର ନିର୍ମାଣ କାର୍ଯ୍ୟ । ତିନିରଥର ମୋଟ ୨୧ ଗୋଟି ଅଖ ମଧ୍ୟରୁ ଚକ ଡେରା ନୀତି ପାଇଁ ତିନି ଗୋଟି ଅନୁକୂଳ ଅଖ ନିର୍ମାଣ ଶେଷ ହୋଇଥିଲା ବାକି ତିନି ରଥର ୧୮ ଅଖ ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବାହ୍ନରେ ତିନିରଥର ମୁଖ୍ୟ ମହାରଣା ସମେତ ସାଥୀ ମହାରଣା ମାନେ ବାକି ଅଖ ଗୁଡ଼ିକର ଉଭୟ ପାର୍ଶ୍ୱ ବାରିଶୀ ରେ ହାଣି ଚଉପଟ ପରେ ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରୀ ରଖିଛନ୍ତି,ଆଜି ରଥ ନିର୍ମାଣ ତଦାରଖ କମିଟି ପ୍ରତିନିଧି ଦଳ ରଥ ଖଳା ବୁଲି ନିର୍ମାଣ କାର୍ଯ୍ୟ ତଦାରଖ ତଥା ଅନୁଧ୍ୟାନ କରିଛନ୍ତି , ତିନିରଥର ଅଖ ଗୁଡିକୁ ଅନୁଧ୍ୟାନ କରି ଅଖ ନିର୍ମାଣ ପାଇଁ ରହିଥିବା କାଠର ଉଭୟ ପାର୍ଶ୍ୱ ର ଗଣ୍ଠି ତଥା ଗର୍ତ୍ତ ଥିବା ଅଖ କାଠ କୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଛନ୍ତି । ବିନ୍ଧ ଅନୁକୂଳ ପୂଜା ସହ ତିନିରଥ ଭୂଇଁଚଉତା ରେ ବିନ୍ଧ କାର୍ଯ୍ୟ ଆରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ତିନିରଥର ୧୨ ଟି ଲେଖାଏଁ ଚଉପଟ ଭୂଇଁ ଚଉତା ର ବିନ୍ଧ ଅନୁକୂଳ ପୂଜା ମୁଖ୍ୟ ମହାରଣାଙ୍କ ଦ୍ୱାରା ସମ୍ପନ୍ନ ପରେ ସାଥୀ ମହାରଣା ସେବକ ମାନେ ଭୂଇଁ ଚଉତା ରେ ୪ ଟି ଲେଖାଏଁ ପାଖୁଡ଼ା ବିନ୍ଧ ସହ ଦୁଇ ପାର୍ଶ୍ୱରେ ଗୋଟିଏ ଗୋଟିଏ ଖମ୍ବା ବିନ୍ଧ କାର୍ଯ୍ୟ ଜାରୀ ରଖିଛନ୍ତି । ତିନିରଥର ଦୁଇଟି ଲେଖାଏଁ ୨୦ ଫୁଟିଆ ଗରଗରା ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଗରଗରା କାଠ ର ତିନି ପାର୍ଶ୍ୱ ଚଉପଟ ଶେଷ ହୋଇ ଆଉ ଗୋଟିଏ ପାର୍ଶ୍ୱରେ ଚଉପଟ କାର୍ଯ୍ୟ ଜାରୀ ରହିଛି ।ରଥ ଖଳା ପାର୍ଶ୍ୱରେ ନିର୍ମିତ ସ୍ୱତନ୍ତ୍ର ଚାଳୀରେ କରତି ସେବକ ମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚିରଟ ପୂର୍ବରୁ ଉକ୍ତ ୪୦ ଫୁଟିଆ ପୋଲ ଗୟଳ ଧାଉରା କାଠ ର ଉଭୟ ପାର୍ଶ୍ୱ କୁ ବାରିସୀ ରେ ହାଣି ସମତଳ କାର୍ଯ୍ୟ ବା ଚିତା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା କାଲି ଠାରୁ ପୋଲ ଗୟଳ ର ଚିରଟ କାର୍ଯ୍ୟ ଆରମ୍ଭ ହେବ ।ରୂପକାର ସେବକ ମାନେ ତିନି ରଥର ସାଲ ଗୁଜ ଏବଂ ଡୀଖ ଗୁଜ ରେ ସିଂହ ବିରଳ ରୂପ ଖୋଦେଇ ସହ ଶେଷ ହୋଇଥିବା ରୂପ ଗୁଡ଼ିକର ପଲିସ୍ କାର୍ଯ୍ୟ ସହ ରୂପରେ ଅଳଙ୍କାର ପକା କାର୍ଯ୍ୟ ଜାରୀ ରଖିଛନ୍ତି ।ଦୋଳବେଦୀ ଅସ୍ଥାୟୀ କମାର ଶାଳ ରେ ଓଝା କମାର ସେବକ ମାନେ ତିନି ରଥର ଦଣ୍ଡା ବିଡିଆ, ଅଗ ପାତେଳି , ବିଡିଆ ଚଉରସ ଦଣ୍ଡା କଣ୍ଟା ନିର୍ମାଣ ସହ ଗରଗରା ପାଇଁ ୨୫ ଏମ୍ ଏମ୍ ର ଅଗ ପାତେଲୀ କଣ୍ଟା, ନିର୍ମାଣ ଜାରୀ ରଖିଛନ୍ତି।


## ଭିଜିଲାନ୍ସ ଜାଲରେ ଟିଟିଲାଗଡ଼ ଏଆରସିଏସ

**ଟିଟିଲାଗଡ଼ :** ଭିଜିଲାନ୍ସ ଜାଲରେ ଟିଟିଲାଗଡ଼ ଏଆରସିଏସ କାର୍ଯ୍ୟାଳୟର ସିନିୟର ଆସିଷ୍ଟାଣ୍ଟ ଅନୀଲ ପଣ୍ଡା। ୭୦ ହଜାର ଟଙ୍କା ଲାଞ୍ଚ ନେଇ ସେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ସହିତ ସେହି ଅଫିସର ଜଣେ ପିଅନ ହରେକୃଷ୍ଣ ମାଝୀଙ୍କୁ ମଧ୍ୟ ଏହି ଲାଞ୍ଚ ନେବା ମାମଲାରେ ଗିରଫ କରିଛି ଭିଜିଲାନ୍ସ। ସାଧୁ ବାଙ୍କ ନାମକ ଜଣେ ଅବସରପ୍ରାପ୍ତ କର୍ମଚାରୀ ତାଙ୍କ ବକେୟା ଦରମା କରାଇ ଦେବା ପାଇଁ ସିନିୟର ଆସିଷ୍ଟାଣ୍ଟ ଶ୍ରୀ ପଣ୍ଡାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ସେ ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ। ଦୁଇଟି କିସ୍ତିରେ ଏହି ଟଙ୍କା ଦେବାକୁ ସେ ସାଧୁ ବାଙ୍କଙ୍କୁ କହିଥିଲେ। ପ୍ରଥମ କିସ୍ତିରେ ୭୦ ହଜାର ଓ ଦ୍ୱିତୀୟ କିସ୍ତିରେ ୩୦ ହଜାର ଟଙ୍କା ଦେବାକୁ ସେ କହିଥିଲେ। ବ୍ୟାଙ୍କ ଏକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର କରିବାକୁ ସେ କହିଥିଲେ। ଏ ସଂପର୍କରେ ସାଧୁ ବାଙ୍କ ଭିଜିଲାନ୍ସକୁ ଜଣାଇଥିଲେ। ତା'ପରେ ଯୋଜନା ଅନୁଯାୟୀ ଆଜି ସେ ସିନିୟର ଆସିଷ୍ଟାଣ୍ଟ ଶ୍ରୀ ପଣ୍ଡାଙ୍କ ଏକାଉଣ୍ଟକୁ ୭୦ ହଜାର ଟଙ୍କା ଟ୍ରାନ୍ସଫର କରିଥିଲେ। ଆଉ ତା' ପରେ ଭିଜିଲାନ୍ସ ଶ୍ରୀ ପଣ୍ଡାଙ୍କୁ ଧରିଥିଲା।

### ଅସହ୍ୟ ଗରମରେ ଅଘୋଷିତ ବିଦ୍ୟୁତ କାଟ୍


## ଅଫିସ ଘେରି କର୍ମଚାରୀଙ୍କୁ ତାଲା ପକାଇଲେ ଉତ୍ତ୍ୟକ୍ତ ଲୋକେ

**ବଲାଙ୍ଗୀର :** ବଲାଙ୍ଗୀର ସହରରେ ଅଘୋଷିତ ଭାବେ ହେଉଛି ବିଦ୍ୟୁତ କାଟ। ଏହାର ପ୍ରତିବାଦରେ ଗୁରୁବାର ଟାଟା ପାୱାର ଅଫିସ ଘେରାଉ କରାଯିବା ସହ କର୍ମଚାରୀ ମାନଙ୍କୁ ଅଫିସ ଭିତରେ ତାଲା ପକାଇ ଦିଆଯାଇଥିବା ଦେଖିବାକୁ ମିଳିଛି।



ଉପଭୋକ୍ତାଙ୍କ ଅଭିଯୋଗ ଅନୁଯାୟୀ, ଲଳିତନଗର ପଡାରେ ଦୁଇଦିନ ହେଲା ବିଦ୍ୟୁତ କାଟ କରାଯାଉଛି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କହିବାକୁ ଗଲେ ବଲାଙ୍ଗୀର ସହରରେ ବିଜୁଳି କାଟ୍ ଏକ ସାଧାରଣ କଥା ପାଲଟି ଯାଇଛି। ଗୁରୁବାର ଅପରାହ୍ନ ୨ଟାରୁ ବିଜୁଳି କାଟ ହୋଇଛି। ସନ୍ଧ୍ୟା ସୁଦ୍ଧା ବିଜୁଳି ନ ଆସିବାରୁ ବିଭିନ୍ନ ପଡ଼ାର ଶତାଧିକ ମହିଳା ଓ ପୁରୁଷ ଟାଟା ପାୱାର ଅଫିସକୁ ଆସି ଘେରାଉ କରିଛନ୍ତି।

# ୧୬ ତାରିଖରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା, ଓଡ଼ିଶା ପୋଲିସର ବ୍ୟାପକ ପ୍ରସ୍ତୁତି




**କଟକ :** ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଓଡ଼ିଶା ପୋଲିସର ବ୍ୟାପକ ପ୍ରସ୍ତୁତି । ଡିଜିପି ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି । ଆସନ୍ତା ଜୁଲାଇ ୧୬ ତାରିଖରେ ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି । ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଡିଜିପି। କୌଣସି ପରିସ୍ଥିତିରେ ଯେପରି ତ୍ରୁଟିବିଚ୍ୟୁତି ନ ଘଟେ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ବିଭିନ୍ନ ରୀତିନୀତି ନିର୍ଦ୍ଦିଷ୍ଟ ତାରିଖରେ ପାଳନ କରାଯିବ । ଆସନ୍ତା ଜୁନ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ ତାରିଖରେ ନବଯୌବନ ଦର୍ଶନ, ଜୁଲାଇ ୧୬ ତାରିଖରେ ରଥଯାତ୍ରା, ଜୁଲାଇ ୨୦ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୨୩ ତାରିଖରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୨୪ ତାରିଖରେ ବାହୁଡା ଯାତ୍ରା, ଜୁଲାଇ ୨୫ ତାରିଖରେ ସୁନାବେଶ, ଜୁଲାଇ ୨୬ ତାରିଖରେ ଅଧରପଣା ଏବଂ ଜୁଲାଇ ୨୭ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ। ଏହି ସମସ୍ତ ଅବସରରେ ଦେଶ-ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଓ ଅଧିକ ସକ୍ରିୟ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ରଥଯାତ୍ରାରେ ଭକ୍ତମାନଙ୍କ ସୁରକ୍ଷା ଓ ସୁଚାରୁରୂପେ ଭିଡ଼ ନିୟନ୍ତ୍ରଣ କରିବାକୁ ଚଳିତ ବର୍ଷ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା କରାଯାଇଛି। ଯାତାୟାତ ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅତିରିକ୍ତ ୮ଟି ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି। ରଥ ଟଣା ସମୟରେ ରଥଗୁଡ଼ିକର ସୁଗମ ଗତି ସୁନିଶ୍ଚିତ କରିବାକୁ ରଥ ଆଗରେ ସ୍ୱତନ୍ତ୍ର କ୍ଲିୟରାନ୍ସ ପାର୍ଟି ନିୟୋଜିତ କରାଯିବ। ଅଧିକ ଭିଡ଼ ଥିବା ସ୍ଥାନଗୁଡ଼ିକରେ କ୍ରାକ୍ ଟିମ୍ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ।ଏହାବ୍ୟତୀତ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅତିରିକ୍ତ ସିସିଟିଭି କ୍ୟାମେରା ସ୍ଥାପନ, ଟ୍ରାଫିକ ସୁପରିଚାଳନା ପାଇଁ ରୋଡ ଡିଭାଇଡର, ଡିଲିନେଟର ଏବଂ ଟ୍ରାଫିକ ଜୋନ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ଏବଂ ଶୃଙ୍ଖଳିତ ଯାତାୟାତ ପରିଚାଳନା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା।ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁ କରିବା, ହୋଟେଲ ଓ ଲଜଗୁଡ଼ିକରେ ନିୟମିତ ଯାଞ୍ଚ କରିବାକୁ ଡିଜିପି ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରଥଯାତ୍ରା ସମୟରେ ବାହାର ରାଜ୍ୟର ଅଭ୍ୟାସଗତ ଅପରାଧୀମାନଙ୍କ ଆଗମନ ସମ୍ଭାବନା ଥିବାରୁ ସେମାନଙ୍କ ଫଟୋ ସଂଗ୍ରହ କରି ରେଳ ଷ୍ଟେସନ ଓ ବସ୍‌ଷ୍ଟାଣ୍ଡରେ ଥିବା ଏଲଇଡି ସ୍କ୍ରିନ୍‌ରେ ପ୍ରଦର୍ଶନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସମୁଦ୍ରକୂଳ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା। ଏହାସହ ରେଳବାଇ ପୋଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ଜଟଣୀ ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ଏହାସହ ମନ୍ଦିର ନିକଟରେ ରକ୍ଷକ ଯାନ ମୁତୟନ, କ-୯ ସ୍କ୍ୱାଡ୍ ନିୟୋଜନ, ଏନଏସଜି ତାଲିମପ୍ରାପ୍ତ ଏସଓଜି ଟିମ ମୁତୟନ, ଏସଟିୟୁ ଟିମ ନିୟୋଜିତ, ଦଳାଚକଟା ପରି ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସଙ୍କ ରହଣି ପାଇଁ ଆବଶ୍ୟକ ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲା ପ୍ରଶାସନ ସହ ସମନ୍ୱୟ ରଖି ଆଶୁ ସମସ୍ୟାର ସମାଧାନ ଏବଂ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଡିଜିପି ବିସ୍ତୃତ ଆଲୋଚନା କରିଥିଲେ।

## ସମ୍ପାଦକୀୟ

# ଆମେରିକା ଲକ୍ଷ୍ୟରେ ଇରାନ୍

ଏବେ ଆମେରିକାର କେବଳ ଲକ୍ଷ୍ୟ ଇରାନ୍‌ର ଏକଛତ୍ରବାଦୀ ଶାସକ ଆୟାତୋଲ୍ଲା ଖାମିନେଇଙ୍କୁ ଗାଦିଚ୍ୟୁତ କରିବା। ଇରାକ୍‌ର ଏକଛତ୍ରବାଦୀ ଶାସକ ସଦ୍ଦାମ ହୁସେନ୍‌ଙ୍କୁ ମଧ୍ୟ ଏକଦା ସେହିଭଳି ଏକ ଗଣବିଦ୍ରୋହର ସମ୍ମୁଖୀନ ହେବାକୁ ପଡ଼ିଥିଲା ଯାହାର ଶେଷ ପରିଣାମ ଶେଷରେ ଆମେରିକୀୟ ସୈନ୍ୟଙ୍କ ହସ୍ତକ୍ଷେପ ଫଳରେ ଇରାକ୍ ଶାସକଙ୍କୁ କେବଳ ଗାଦିଚ୍ୟୁତ କରାଯାଇନଥିଲା,ଶେଷରେ ତାଙ୍କୁ ବଙ୍କର ଭିତରୁ ଘୋଷାଡ଼ି ଆଣି ମାରି ଦିଆଯାଇଥିଲା। ଏବେ ଇରାନ୍‌ରେ ଦେଖାଦେଇଛି ସମାନ ପରିସ୍ଥିତି। ସେହି ଆମେରିକା ବି ଏଥିରେ ସାମିଲ। ଇରାକ୍ ଭଳି ଦଶା ଭୋଗିବ ଇରାନ୍। କେବଳ ସ୍ୱରରେ ସୀମିତ ହୋଇ ରହିନାହିଁ ସେମାନଙ୍କର କାର୍ଯ୍ୟକଳାପ। ସେମାନେ, ଦେଶର ବିଦ୍ରୋହୀ ଗୋଷ୍ଠୀ ଦେଶର ସରକାର ବିରୋଧରେ ବିକ୍ଷୋଭ କରିଛନ୍ତି, ରାଜରାସ୍ତାକୁ ଓହ୍ଲାଇଛନ୍ତି ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କ ହାତରେ ଅସ୍ତ୍ର ବି ଉଠାଇଛନ୍ତି। ଯେତେବେଳେ ଦେଶର ଜନତା ଏକଜୁଟ ହୋଇଯାଇଛନ୍ତି, ଯେତେବେଳେ ଦେଶର ସବୁ ଦିଗରୁ ଦେଶର ଜନତା ଏକାକାର ହୋଇଯାଇଛନ୍ତି,ସେତେବେଳେ ଦେଶର ସରକାର ମୁଣ୍ଡ ନୁଆଁଇବାକୁ ବାଧ ହୋଇଛନ୍ତି। କେବଳ ମୁଣ୍ଡ ନୁଆଁଇନହାଁନ୍ତି, ଗାଦି ଛାଡ଼ିବାକୁ ଶେଷରେ ବାଧ ହୋଇଛନ୍ତି। ଶେଷରେ ଲୋକଙ୍କ ବିଜୟ ହୋଇଛି। ଏବେ ଇରାନ୍‌ରେ ଯେଉଁ ପ୍ରକାର ପରିସ୍ଥିତି ସୃଷ୍ଟି ହୋଇଛି, ସେହିଭଳି ପରିସ୍ଥିତି କେବେ ଇରାକ୍‌ରେ ମଧ୍ୟ ସୃଷ୍ଟି ହୋଇଥିଲା। ସେତେବେଳେ ଇରାକରେ ସତ୍ତାରେ ଥିଲେ ବର୍ତ୍ତମାନ ଇରାନ୍ ଭଳି ଜଣେ ଏକଛତ୍ରବାଦୀ ଶାସକ ସଦ୍ଦାମ ହୁସେନ୍ ଯାହାଙ୍କୁ ଗାଦିଚ୍ୟୁତ କରିବା ପାଇଁ ଇରାକ୍‌ର ଜନତା ସେତେବେଳେ ବହୁବିଧ ଉଦ୍ୟମ କରିଥିଲେ। ସଦ୍ଦାମ ଶାସକଙ୍କୁ ସତ୍ତାରୁ ହଟାଇବା ପାଇଁ ଜନ୍‌ତାଙ୍କ ପ୍ରବଳ ବିରୋଧକୁ ସେତେବେଳର ଏକଛତ୍ରବାଦୀ ଶାସ୍‌କ ସଦ୍ଦାମ ହୁସେନ ସେମିତି ମଧ୍ୟ ଦବାଇବାର ବଳପୂର୍ବକ ଯେଉଁ ଉଦ୍ୟମ କଲେ , ଯାହାପାଇଁ ବଳ ପ୍ରୟୋଗର ଆବଶ୍ୟକ ପଡ଼ିଲା। ସେଥିରେ ରକ୍ତପାତ ଅବଶ୍ୟ ହୋଇଥିଲା। ଯାହା ସରକାରଙ୍କ ଏକଛତ୍ରବାଦକୁ ପ୍ରମାଣିତ କରୁଥିଲା। ସେମାନଙ୍କର ଏକମାତ୍ର ଉଦ୍ଦେଶ୍ୟ ହେଉଛି ସରକାରଙ୍କୁ ବିରୋଧ କରିବା, ସରକାରଙ୍କୁ ଗାଦିଚ୍ୟୁତ କରିବା । ଆଗାମୀ ସମୟରେ ପାକିସ୍ତାନ୍‌ରେ ମଧ୍ୟ ସମାନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। ସେହିଭଳି ଜେନ୍ ଜେଡ୍ ଯାହାକୁ ନେଇ ଏବେଠାରୁ ଆରମ୍ଭ ହୋଇଗଲାଣି କଳ୍ପନା ଜଳ୍ପନା। ଏବେ ଇରାନ୍‌ରେ ମଧ୍ୟ ସେହିଭଳି ସମାନ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି। କେବଳ ଇରାନରେ କାହିଁକି, ଧୀରେ ଧୀରେ ପୃଥିବୀର ଅନ୍ୟତ୍ର ମଧ୍ୟ ସେହିଭଳି ପରିସ୍ଥିତି ଦୃଷ୍ଟିଗୋଚର ହେବାର ସମ୍ଭାବନା ସୃଷ୍ଟି ହେଉଛି। କାରଣ ବିଶ୍ୱରେ ଯୁବପିଢ଼ିଙ୍କ ସମସ୍ୟା ଦିନକୁ ଦିନ ଯେମିତି ବୃଦ୍ଧି ପାଇବାରେ ଲାଗିଛି ଯାହାକୁ ସମାଧାନ କରିବାରେ ସଂପୃକ୍ତ ଦେଶର ସରକାର ଅନେକ ସମୟରେ ଫେଲ୍ ମାରି ଯାଉଛନ୍ତି। ଯେବେ ଦେଶର ଜନତାଙ୍କ୍ ସମସ୍ୟା ଦିନକୁ ଦିନକୁ ବଢ଼ିବାରେ ଲାଗୁଛି, ସେ କ୍ଷେତ୍ରରେ ଗମ୍ଭୀର ସମସ୍ୟା ସୃଷ୍ଟି ହେଉଛି। ଏଠାରେ ଏକ ବିଶେଷ କଥା ଉଲ୍ଲେଖ କରାଯାଇପାରେ। କୌଣସି ବି ଦେଶରେ କିଛି ନା କିଛି ସମସ୍ୟା ରହିଛି ନିଶ୍ଚୟ। ତେବେ ଯୁବପିଢ଼ିଙ୍କ ସମସ୍ୟା ସେ ସବୁ ମଧ୍ୟରେ ଅତି ଗୁରୁତର ସମସ୍ୟା ସୃଷ୍ଟି କରିପାରେ । ଯେତେବେଳେ ଦେଶର ଯୁବକ ତା'ର ଅତି ଜରୁରୀ ଆବଶ୍ୟକତା ପରିପୂରଣରେ ଫେଲ୍ ମାରିଯାଏ କିମ୍ବା ଅସଫଳ ହୁଏ, ସେତେବେଳେ ଦେଶର ଅଶାନ୍ତ ଯୁବପିଢ଼ି ସରକାରଙ୍କ ବିପକ୍ଷରେ ତା'ର ସ୍ୱର ଉତ୍ତୋଳନ କରିବାକୁ ବାଧ ହୋଇଥାଏ ଏବଂ ସେହି ସ୍ୱର ଧୀରେ ଧୀରେ ସଶକ୍ତ ହୁଏ, ପରେ ପରେ ଏତେ ଶାଣିତ ହୁଏ ଯେ ଯାହା ଖଣ୍ଡା ତଲ୍‌ୱାର ଠାରୁ ମଧ୍ୟ ଘାତକ ହୋଇଯାଏ। କୌଣସି ବି ଦେଶରେ ସମସ୍ୟା ତ ସୁନିଶ୍ଚିତ ରହିଥାଏ। କେବଳ ଗୋଟାଏ କି ଦୁଇଟା ସମସ୍ୟା ନୁହେଁ, ନାନାଦି ସମସ୍ୟା ରହିଥାଏ। ତେବେ ଯାହା ମଧ୍ୟରେ ସବୁଠାରୁ ଗୋଟାଏ ବଡ଼ ପ୍ରସଙ୍ଗ ହେଉଛି ଦେଶର ଯୁବବର୍ଗଙ୍କ ସମସ୍ୟା ଯାହା କୌଣସି ବି ଦେଶର ଏକ ସାଧାରଣ ସମସ୍ୟା। ଏବେ ସେହି ସମସ୍ୟା ସମାଧାନ କରିବାରେ ବିଫଳ ହୋଇଛି ଇରାନ୍। ଇରାନ୍‌ର ଯୁବପିଢ଼ି ଏବେ ଲକ୍ଷଭ୍ରଷ୍ଟ , ଇରାନ୍‌ର ଯୁବପିଢ଼ି ପଥଭ୍ରଷ୍ଟ। ଇରାନ୍‌ରେ ଏବେ କଟ୍ଟର ଇସ୍‌ଲାମିକ୍ ସରକାର ମାନେ ଖାମେନେଇ ସରକାର ଯାହାକୁ ହଟାଇବା ପାଇଁ ଆମେରିକା ଏବେ ବଦ୍ଧପରିକର। ପୂର୍ବରୁ ଏମିତି ବି ଟାର୍ଗେଟ୍‌ରେ ରହିଛି ଇରାନ୍। କିଛିବର୍ଷ ପୂର୍ବରୁ ଯେବେ ଇସ୍ରାଏଲ୍ -ପାଲେଷ୍ଟାଇନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିଲା, ସେବେ ପ୍ରଚ୍ଛଦପଟରେ ରହି ଇରାନ୍ ହିଁ ହୁତୀ ବିଦ୍ରୋହୀଙ୍କ ଦ୍ୱାରା ଇସ୍ରାଏଲ୍ ଉପରେ ଆକ୍ରମଣ କରାଇଥିଲା ଯାହାପାଇଁ ସେବେଠାରୁ ଲକ୍ଷ୍ୟରେ ଥିଲା ଇରାନ୍ । ଏବର ଇରାନର ପରମାଣୁ ଅସ୍ତ୍ର କାର୍ଯ୍ୟକ୍ରମ ନେଇ ପୁଣି ଥରେ ଖପ୍ପା ହୋଇଛି ଆମେରିକା। ଇରାନକୁ ଶେଷ ଚେତାବନୀ ପରେ ଏବେ ଆମେରିକା ଇରାନ୍ ସହିତ ଯୁଦ୍ଧ ପାଇଁ ଚଳାଇଛି ତା'ର ଅନ୍ତିମ ପ୍ରସ୍ତୁତି। ଇରାନ୍ ବି ଚୁପ୍ ବସିନି । ସେ ବି ବିଦ୍ରୋହୀ ଗୋଷ୍ଠୀଙ୍କ ମାଧ୍ୟମରେ ଧମକ ଦେବା ଆରମ୍ଭ କଲାଣି । ଯାହାର କଡ଼ା ଜବାବ୍ ଦେବାକୁ ପୂରା ପ୍ରସ୍ତୁତ ଆମେରିକା।

## ଗତିପଥ

ଜୀବନରେ କେବେ କେବେ ଏଭଳି ସମୟ ବି ଆସେ , ଯେବେ ଆମେ କିଛି ନା କିଛି ନା କାରଣରୁ ଆମେ ଆମର ଘରଠାରୁ ବହୁତ ଦୂରକୁ ଚାଲିଯାଉ। ଯେଉଁ କାରରରୁ ଆମେ ଜୀବନରେ ଆମେ ଅନେକ ସମୟରେ ଏକୁଟିଆ ଅନୁଭବ କରୁ। କେବେ କେବେ ଆମେ ଅଚାନକ ଏମିତି ସେମିତି କିଛି ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇ ଆମେ ଆମର ପ୍ରିୟ ପରିଜନଙ୍କୁ ହରାଇଥାଉ। ସେମି୍ତି ବି କିଛି ଦୁଃଖଦ ମୁହୂର୍ତ୍ତ ମଧ୍ୟ ଅନେକଙ୍କ୍ ଜୀବନରେ ଅନେକ ସମୟରେ ଆସିଥାଏ। ଯାହାକୁ କେବେ ବି ଜୀବନରେ ଭୁଲିହୁଏ ନାହିଁ। ସେଭଳି ଦୁଃଖଦ ମୁହୂର୍ତ୍ତ , ସେଭଳି ଦୁର୍ଭାଗ୍ୟପୂର୍ଣ ମୁହୂର୍ତ୍ତ ଯାହାକୁ କେବେ ବି ଜୀବନରେ ଭୁଲିବା ଏକ ଅସମ୍ଭବ ବ୍ୟାପାର। ସେଭଳି ସମୟରେ କେହି ବି ଏକୁଟିଆ ଅନୁଭବ କରିପାରେ । ଆହୁରି ଅନ୍ୟାନ୍ୟ କାରଣ ମଧ୍ୟ ରହିଛି ଯାହା ଉପରେ ବିଚାର କରାଯାଇପାରେ। ତେବେ ମୋଟାମୋଟି କଥା ହେଲା ଆମେ ଅନେକ ସମୟରେ ଜୀବନରେ ସେହିଭଳି କିଛି ମୁହୂର୍ତ୍ତର ସାମ୍ନା କରୁ, ଯେଉଁ ସମୟରେ ଆମେ ଜୀବନର ଅନେକ କିଛି ଭୁଲି ଯାଇଥାଉ। ସେଭଳି ସମୟରେ ଆମେ କେବଳ ଆମ ନିଜ କଥା ହିଁ ଭାବିଥାଉ ଏବଂ ଅନ୍ୟ ସବୁକିଛି ଭୁଲିଯାଇଥାଉ। ଯାହା ପଛରେ କାରଣ ଅବଶ୍ୟ ରହିଛି। ତେବେ ସବୁଠାରୁ ବଡ଼ କାରଣ ହେଉଛି ଆମର ଏକୁଟିଆପଣ ଯାହାକୁ ଆମେ ଅନେକ ସମୟରେ ଅନୁଭବ କରିଥାଉ। ସେହି ସମୟରେ ଆମେ କାହା ସହିତ ସଠିକ୍ ଭାବେ ଆମର ତାଳମେଳ ରଖିପାରିନଥାଉ। ସେ ସମୟରେ ଆମେ କେବଳ ଆମର ମନର କଥା ଶୁଣିଥାଉ। ସେ ସମୟରେ ଆମେ କେବଳ ବିବେକ କଥା ଶୁଣିଥାଉ, ସେ ସମୟରେ ଆମେ କେବଳ ଆମର ମନ ଏବଂ ବିବେକ ମଧ୍ୟରେ ତାଳମେଳ ରଖିଥାଉ ଏବଂ ସେହି ଅନୁସାରେ ଆମର ବୁଦ୍ଧି ବିବେକ ଖଟାଇ ଆମେ ଆମର କାମ କରିଥାଉ। ସେତେବେଳେ ଆମେ କେବଳ ଆମରି କଥା ହିଁ ଶୁଣିଥାଉ। ସେତେବେଳେ ଆମେ କେବଳ ଆମର ମନର ଅବା ବିବେକର କଥା ଶୁଣିଥାଉ। କାରଣ ସେତେବେଳେ ଆମ ପାଖରେ ଆଉ ସେମିତି କିଛି ସାହାରା ନଥାଏ କିମ୍ବା ଆମ ପାଖରେ ସେମିତି କିଛି ଚାରା ନଥାଏ। ନା କାହାକୁ ଆମେ କିଛି ପଚାରିପାରୁ ନା କାହାକୁ ଆମେ କିଛି ସମ୍ପର୍କ କରିପାରୁ ନା କାହାଠାରୁ ଆମେ କିଛି ପରାମର୍ଶ ଗ୍ରହଣ କରିପାରୁ । ସେତେବେଳେ କେବଳ ଗୋଟାଏ କଥା ଆମ ମନରେ ଉଙ୍କିମାରେ। ତାହା ହେଉଛି ଆମର ମନ ଅବା ଆମର ବିବେକ ଯାହାକୁ ଅନୁସରଣ କରି ଆମେ ଆମର ଜୀବନର ଗତିପଥ ନିର୍ଦ୍ଧାରଣ କରିଥାଉ।

# ଜାତୀୟ ବିଜ୍ଞାନ ଦିବସ: ବିଜ୍ଞାନ ଏବଂ ବିଶ୍ୱାସର ସହଯାତ୍ରା

ଇନସା ୱାରସୀ

ଜାତୀୟ ବିଜ୍ଞାନ ଦିବସ ଆମକୁ ମନେ ପକାଇ ଦିଏ ଯେ ବିଶ୍ୱକୁ ବୁଝିବା ପାଇଁ ବିଜ୍ଞାନ ଏକ ଶକ୍ତିଶାଳୀ ଉପକରଣ । ବିଶ୍ୱାସ ଆମକୁ ନୈତିକ ଦାୟିତ୍ୱ ଏବଂ ଆଧ୍ୟାତ୍ମିକ ସତ୍ୟ ଆଡ଼କୁ ମାର୍ଗଦର୍ଶନ କରେ । ବିଜ୍ଞାନ ଏବଂ ବିଶ୍ୱାସକୁ ପ୍ରାୟତଃ ବିପରୀତ ଭାବରେ ଦେଖାଯାଏ କିନ୍ତୁ ବାସ୍ତବରେ ସେମାନେ ପରସ୍ପରର ପରିପୂରକ । ବିଜ୍ଞାନ, ବିଶ୍ୱର କାର୍ଯ୍ୟ ପ୍ରଣାଳୀକୁ ବ୍ୟାଖ୍ୟା କରୁଥିବାବେଳେ ବିଶ୍ୱାସ ଆମକୁ ଶିଖାଏ ଯେ ଆମେ କାହିଁକି ଜ୍ଞାନକୁ ବୁଦ୍ଧିମାନ ଭାବରେ ବ୍ୟବହାର କରିବା ଉଚିତ୍ । ଭାରତ ଭଳି ଏକ ବିବିଧ ଦେଶରେ ବିଜ୍ଞାନ ଏବଂ ବିଶ୍ୱାସ ମଧ୍ୟରେ ଏହି ସମନ୍ୱୟ ସାମ୍ପ୍ରଦାୟିକ ଏକତା ଏବଂ ଜାତୀୟ ପ୍ରଗତିର ଏକ ମୂଳଦୁଆ ।

ଜ୍ଞାନ ଅନ୍ୱେଷଣ ଏକ ମହାନ କର୍ତ୍ତବ୍ୟ ବୋଲି ବିଶ୍ୱାସ କରି ଏବଂ ଏଥିରେ ପ୍ରେରିତ ହୋଇ ଇସଲାମିକ ସଭ୍ୟତା ବିଜ୍ଞାନକୁ ଉଲ୍ଲେଖନୀୟ ଅବଦାନ ଦେଇଛି । ଇବନ୍ ସିନା (୯୮୦-୧୦୩୭), ଯାହାଙ୍କୁ ଆଭିସେନା ମଧ୍ୟ କୁହାଯାଏ, ଜଣେ ପାରସ୍ୟ ମୁସଲିମ ବିଦ୍ୟାନ ଏବଂ ଚିକିତ୍ସକ ଥିଲେ ଯାହାଙ୍କର ପୁସ୍ତକ 'ଦି କ୍ୟାନନ୍ ଅଫ୍ ମେଡିସିନ୍'' ଇତିହାସର ସବୁଠାରୁ ପ୍ରଭାବଶାଳୀ ଚିକିତ୍ସା ପାଠ୍ୟ ମଧ୍ୟରୁ ଗୋଟିଏ । ଏହା ଛଅ ଶତାବ୍ଦୀରୁ ଅଧିକ ସମୟ ଧରି ୟୁରୋପ ଏବଂ ଇସଲାମିକ ଦୁନିଆରେ ପ୍ରାଥମିକ ଚିକିତ୍ସା ପାଠ୍ୟପୁସ୍ତକ ଭାବରେ ବ୍ୟବହୃତ ହେଉଥିଲା ଯାହା ମୌଳିକ ଭାବରେ ଚିକିତ୍ସା ଶିକ୍ଷା, ନିଦାନ ଏବଂ ଔଷଧୀୟ ଅଭ୍ୟାସ ପାଇଁ ମାନଦଣ୍ଡ ସ୍ଥିର କରିଥିଲା । ଆଉ ଜଣେ ମହାନ ମୁସଲିମ ବୈଜ୍ଞାନିକ, ଅଲ୍-ଖାରିଜମି (୯ମ ଶତାବ୍ଦୀ), ବାଗଦାଦର ଜଣେ ଗଣିତଜ୍ଞ ଥିଲେ ଯିଏ ବୀଜଗଣିତର ଜନକ ଭାବରେ ଜଣାଶୁଣା । ତାଙ୍କର ସମୀକରଣ ସମାଧାନ କରିବାର ପ୍ରଣାଳୀବଦ୍ଧ ପଦ୍ଧତି ବିଶ୍ୱକୁ ଆଲଗୋରିଦମର ଧାରଣା ଦେଇଥିଲା, ଯାହା ଆଜି କମ୍ପ୍ୟୁଟର ବିଜ୍ଞାନର ଆଧାର । ସେହିପରି, ଆବୁ ରେହାନ୍ ଅଲ୍-ବିରୁନି (୯୭୩-୧୦୪୮) ଜଣେ ବିଦ୍ୱାନ ଥିଲେ ଯିଏ ସଠିକତା ସହିତ ପୃଥିବୀର ବ୍ୟାସାର୍ଦ୍ଧ ଗଣନା କରିଥିଲେ ଏବଂ ଭାରତର ସଂସ୍କୃତି ଏବଂ ବୈଜ୍ଞାନିକ ଜ୍ଞାନ ବିଷୟରେ ବିସ୍ତୃତ ଭାବରେ ଲେଖୁଥିଲେ । ବିଜ୍ଞାନ କିପରି ସଭ୍ୟତା ମଧ୍ୟରେ ସେତୁ ନିର୍ମାଣ କରିପାରିବ ତାହା ତାଙ୍କ କାର୍ଯ୍ୟରୁ ପ୍ରତିଫଳିତ ।

ଭାରତର ବୈଜ୍ଞାନିକ ପ୍ରଗତି ମଧ୍ୟ ଅନେକ ଉତ୍କୃଷ୍ଟ ବୈଜ୍ଞାନିକଙ୍କ ଦ୍ୱାରା ପରିଚାଳିତ ହୋଇଛି । ଭାରତୀୟ ପଦାର୍ଥବିଜ୍ଞାନୀ ସାର୍ ସି. ଭି. ରମଣ (୧୮୮୮-୧୯୭୦) 'ରମଣ ପ୍ରଭାବ' ଆବିଷ୍କାର କରିଥିଲେ, ଯାହା ବ୍ୟାଖ୍ୟା କରେ ଯେ ଆଲୋକ ଯେତେବେଳେ ଏକ ସ୍ୱଚ୍ଛ ପଦାର୍ଥ ମଧ୍ୟ ଦେଇ ଗତି କରେ ତାହା କିପରି ପରିବର୍ତ୍ତନ ହୁଏ । ଏହି ଯୁଗାନ୍ତକାରୀ ଆବିଷ୍କାର ପାଇଁ ସେ ୧୯୩୦ ମସିହାରେ ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇଥିଲେ । ତାଙ୍କ ସମ୍ମାନାର୍ଥେ ଭାରତ ୨୮ ଫେବୃଆରୀରେ ଜାତୀୟ ବିଜ୍ଞାନ ଦିବସ ପାଳନ କରେ ଓ ଆଉ ଜଣେ ଅଗ୍ରଣୀ ଥିଲେ ଜଗଦୀଶ ଚନ୍ଦ୍ର ବୋଷ (୧୮୫୮-୧୯୩୭), ଯାହାଙ୍କର ଉଦ୍ଭିଦ ବିଜ୍ଞାନ ଏବଂ ରେଡିଓ ବିଜ୍ଞାନ ପ୍ରତି ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା । ସେ ପ୍ରଦର୍ଶନ କରିଥିଲେ ଯେ ଉଦ୍ଭିଦଗୁଡ଼ିକ ବାହ୍ୟ ଉଦ୍ଦୀପନା ପ୍ରତି ପ୍ରତିକ୍ରିୟା କରନ୍ତି ଏବଂ ପ୍ରମାଣ କରନ୍ତି ଯେ ସେମାନଙ୍କର ପ୍ରାଣୀମାନଙ୍କ ପରି ଜୀବନ ପ୍ରକ୍ରିୟା ଅଛି । ବେତାର ଯୋଗାଯୋଗରେ ତାଙ୍କର ପ୍ରାରମ୍ଭିକ ପରୀକ୍ଷଣ ରେଡିଓ ପ୍ରଯୁକ୍ତିବିଦ୍ୟାର ବିକାଶ ପାଇଁ ଏକ ମୁଖ୍ୟ ଅବଦାନ ଥିଲା ।ଭାରତ ମଧ୍ୟ ଗର୍ବର ସହିତ ଡକ୍ଟର ଏ. ପି. ଜେ. ଅବଦୁଲ କଲାମ (୧୯୩୧-୨୦୧୫) ଙ୍କୁ ଜଣେ ମହାକାଶ ବୈଜ୍ଞାନିକ ଏବଂ ଭାରତର ପୂର୍ବତନ ରାଷ୍ଟ୍ରପତି ଭାବରେ ମନେ ପକାଏ । ସେ ଭାରତର କ୍ଷେପଣାସ୍ତ୍ର ଏବଂ ମହାକାଶ କାର୍ଯ୍ୟକ୍ରମ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି 'ଭାରତର କ୍ଷେପଣାସ୍ତ୍ର ପୁରୁଷ' ଭାବରେ ଜଣାଶୁଣା । ଡକ୍ଟର କଲାମ ମୁସଲମାନ ଧର୍ମର ହୋଇଥିଲେ ମଧ୍ୟ ସମସ୍ତ ଧର୍ମକୁ ସମ୍ମାନ କରୁଥିଲେ ଓ ପ୍ରତ୍ୟେକ ସମ୍ପ୍ରଦାୟର ବୈଜ୍ଞାନିକମାନଙ୍କ ସହିତ କାମ କରିଥିଲେ । ସେ ସର୍ବଦା ଏକତା, ଶିକ୍ଷା ଏବଂ ଜାତୀୟ ବିକାଶକୁ ପ୍ରୋତ୍ସାହିତ କରିଥିଲେ । ବିଜ୍ଞାନ ଏବଂ ବିଶ୍ୱାସ କିପରି ସମନ୍ୱୟ ରଖି ସହାବସ୍ଥାନ କରିପାରିବେ ତାହା ତାଙ୍କ ଜୀବନର ମୁଖ୍ୟ ଲକ୍ଷ ଥିଲା ।

ବିଜ୍ଞାନ ଧର୍ମ ଆଧାରରେ କୌଣସି ପକ୍ଷପାତ କରେ ନାହିଁ । ପ୍ରକୃତିର ନିୟମ ସମସ୍ତ ମଣିଷ ପାଇଁ ସମାନ ଭାବରେ ପ୍ରଯୁଜ୍ୟ । ଯେତେବେଳେ ଏକ ବୈଜ୍ଞାନିକ ଆବିଷ୍କାର କରାଯାଏ, ତାହା ଜାତି, ଧର୍ମ କିମ୍ବା ସମ୍ପ୍ରଦାୟ ନିର୍ବିଶେଷରେ ସମସ୍ତଙ୍କୁ ଲାଭ ଦିଏ । ଉଭୟ ମୁସଲମାନ ଏବଂ ହିନ୍ଦୁ ସମ୍ପ୍ରଦାୟର ବିଦ୍ୱାନମାନେ ଦେଖାଇଛନ୍ତି ଯେ ବିଶ୍ୱାସ ଜ୍ଞାନର ସନ୍ଧାନକୁ ପ୍ରେରଣା ଦେଇପାରେ, ଏବଂ ଜ୍ଞାନ ସୃଷ୍ଟିର ଆଶ୍ଚର୍ଯ୍ୟଜନକ କାର୍ଯ୍ୟ ପ୍ରକାଶ କରି ବିଶ୍ୱାସକୁ ଦୃଢ଼ କରିପାରିବ ।

ଜ୍ଞାନର ଅନୁସନ୍ଧାନ ଆମକୁ ବିଭାଜିତ ପରିବର୍ତ୍ତେ ଏକତ୍ର କରିବା ଉଚିତ । ଯେତେବେଳେ ଆମେ ସ୍ୱୀକାର କରୁ ଯେ ସତ୍ୟ ସାର୍ବଜନୀନ ଏବଂ ଜ୍ଞାନ ସମସ୍ତ ମାନବତାର ଅଟେ, ସେତେବେଳେ ସାମ୍ପ୍ରଦାୟିକ ସଦ୍ଭାବ ଆହୁରି ଦୃଢ଼ ହୁଏ । ବିଭିନ୍ନ ଧାର୍ମିକ ପୃଷ୍ଠଭୂମିର ବୈଜ୍ଞାନିକଙ୍କ ଅବଦାନକୁ ସମ୍ମାନ କରି, ପରସ୍ପର ପ୍ରତି ସମ୍ମାନ, ବୁଝାମଣା ଏବଂ ଏକତାକୁ ପ୍ରୋତ୍ସାହିତ କରାଯିବା ଦରକାର ।

ଶେଷରେ, ବିଜ୍ଞାନ ଏବଂ ବିଶ୍ୱାସ ସତ୍ୟ ଅଭିମୁଖେ ଯାତ୍ରାରେ ପ୍ରତିଦ୍ୱନ୍ଦ୍ୱୀ ନୁହଁନ୍ତି ବରଂ ଅଂଶୀଦାର । ବିଜ୍ଞାନ ଆବିଷ୍କାର ଏବଂ ନବସୃଜନ ପ୍ରଦାନ କରେ; ବିଶ୍ୱାସ ନୀତି ଏବଂ କରୁଣା ପ୍ରଦାନ କରେ । ଏକାଠି, ସେମାନେ ମାନବତାକୁ ଶାନ୍ତି ଏବଂ ପ୍ରଗତି ଆଡକୁ ମାର୍ଗଦର୍ଶନ କରନ୍ତି । ଆସନ୍ତୁ ଆମେ ସମ୍ପ୍ରଦାୟ ମଧ୍ୟରେ ବଣ୍ଟନ କରାଯାଇଥିବା ଜ୍ଞାନ ଏକ ଶକ୍ତିଶାଳୀ ଏବଂ ଉଜ୍ଜ୍ୱଳ ଭାରତ ଗଠନ ଦିଗରେ ସାହାଯ୍ୟ କରେ ବୋଲି ମନେ ରଖି ଜାତୀୟ ବିଜ୍ଞାନ ଦିବସକୁ ସମନ୍ୱୟର ଭାବନା ସହିତ ପାଳନ କରିବା ।

ଫ୍ରାଙ୍କଫୋନ ଏଣ୍ଡ ଜର୍ନାଲିଜମ୍
ଷ୍ଟଡିଜ୍ ଜାମିଆ ମିଲିଆ ଇସଲାମିଆ

# ଭାରତରେ ସିକେଲ୍ ସେଲ୍ ରୋଗ ନିରାକରଣ ଓଡ଼ିଶା ପରିପ୍ରେକ୍ଷୀରେ ବିଶେଷ ବିଶ୍ଳେଷଣ

ଡା. କମଳାକାନ୍ତ ଭୋଇ

ଜିନତତ୍ତ୍ୱ ଓ ରୋଗର ମୂଳ ଧାରଣା ସିକେଲ୍ ସେଲ୍ ରୋଗ ଏକ ଗୁରୁତର ବଂଶାନୁଗତ ହିମୋଗ୍ଲୋବିନ ବିକୃତି ଯାହା ବେଟା ଗ୍ଲୋବିନ ଜିନ୍ର ଏକ ପଏଣ୍ଟ ମ୍ୟୁଟେସନ୍ ଫଳରେ ଘଟେ ଏବଂ ଏହାର ପରିଣାମରେ ଗ୍ଲୁଟାମିକ୍ ଏସିଡ୍ର ସ୍ଥାନରେ ଭାଲିନ୍ ସ୍ଥାପିତ ହୋଇ ଅସାମାନ୍ୟ ହିମୋଗ୍ଲୋବିନ ଏସ୍ ଗଠିତ ହୁଏ, ଯାହା ଅକ୍ସିଜେନ୍ ହ୍ରାସ ପରିସ୍ଥିତିରେ ପଲିମରାଇଜ୍ ହୋଇ ଲାଲ୍ ରକ୍ତକଣିକାକୁ ଅର୍ଧଚନ୍ଦ୍ରାକାର କରେ ଓ ମାଇକ୍ରୋଭାସ୍କୁଲାର ଅବରୋଧ ସୃଷ୍ଟି କରେ, ଫଳସ୍ୱରୂପ ରକ୍ତପ୍ରବାହ ବାଧାପ୍ରାପ୍ତ ହୋଇ ତନ୍ତୁ ଅକ୍ସିଜେନ୍ ଅଭାବ ଦେଖାଯାଏ ଓ ଦୀର୍ଘକାଳୀନ ଅଙ୍ଗକ୍ଷତି ଆରମ୍ଭ ହୁଏ (ରିସ୍ ଇତ୍ୟାଦି, ୨୦୧୦) ।ଏହି ରୋଗ ଆଟୋସୋମାଲ୍ ରିସେସିଭ୍ ପ୍ରକୃତିର ଥିବାରୁ ଦୁଇଟି ଅସାମାନ୍ୟ ଜିନ୍ ଉତ୍ତରାଧିକାରରେ ମିଳିଲେ ରୋଗ ପ୍ରକାଶ ପାଏ ଓ ଗୋଟିଏ ଜିନ୍ ଥିଲେ ବ୍ୟକ୍ତି କ୍ୟାରିଅର୍ ଭାବେ ରହିଥାନ୍ତି, ସେମାନେ ସାଧାରଣତଃ ଲକ୍ଷଣହୀନ ହେଉଥିଲେ ମଧ୍ୟ ସମାଜରେ ରୋଗ ସଂଚାରର ମୂଳ ଶୃଙ୍ଖଳା ଭାବେ କାର୍ଯ୍ୟ କରନ୍ତି ଓ ବିବାହ ସମୟରେ ଯଦି ଦୁଇଜଣ କ୍ୟାରିଅର୍ ମିଳନ କରନ୍ତି ତେବେ ସନ୍ତାନରେ ୨୫ ଶତାଂଶ ସମ୍ଭାବନାରେ ରୋଗ ପ୍ରକାଶ ପାଇପାରେ (ସର୍ଜେଆଣ୍ଟ, ୧୯୯୭) ।ହିମୋଗ୍ଲୋବିନ ଏସ୍ର ପଲିମରିକରଣ ଏହି ରୋଗର ମୂଳ ଜୈବିକ ଘଟଣା ଯେଉଁଠାରେ ଅକ୍ସିଜେନ୍ ହ୍ରାସ, ଡିହାଇଡ୍ରେସନ୍, ଆମ୍ଳତା ବୃଦ୍ଧି, ସଂକ୍ରମଣ ଓ ତାପମାତ୍ରାର ଅଚାନକ ପରିବର୍ତ୍ତନ ଲାଲ୍ ରକ୍ତକଣିକାର ଝିଲ୍ଲୀକୁ କଠିନ କରି ରକ୍ତନାଳୀରେ ଅବରୋଧ ସୃଷ୍ଟି କରେ ଓ ଏହା ଦୀର୍ଘକାଳରେ ହିମୋଲାଇଟିକ୍ ଅନିମିଆ, ଏଣ୍ଡୋଥିଲିଆଲ୍ ଡିସଫଙ୍କସନ୍, ଦୀର୍ଘସ୍ଥାୟୀ ପ୍ରଦାହ ଓ ବହୁଅଙ୍ଗୀୟ କ୍ଷତିକୁ ଉତ୍ପ୍ରେରିତ କରେ (ଗ୍ଲାଡୱିନ୍ ଇତ୍ୟାଦି, ୨୦୦୪) ।**କ୍ଲିନିକାଲ୍ ଓ ନ୍ୟୁରୋଲଜିକାଲ୍ ଜଟିଳତା** ସିକେଲ୍ ସେଲ୍ ରୋଗର କ୍ଲିନିକାଲ୍ ଚିତ୍ର ଅତ୍ୟନ୍ତ ବିବିଧ ଓ ଜଟିଳ ଯେଉଁଠାରେ ବେଦନାଜନିତ ସଙ୍କଟ, ଦୀର୍ଘକାଳୀନ ଅନିମିଆ, ପୀତଜ୍ୱର, ବିକାଶ ବିଳମ୍ବ, ପୁନରାବୃତ୍ତ ସଂକ୍ରମଣ, ଶିଶୁମାନଙ୍କରେ ଡାକ୍ଟାଇଲାଇଟିସ୍ ଓ ମସ୍ତିଷ୍କ ଷ୍ଟ୍ରୋକ୍ ପର୍ଯ୍ୟନ୍ତ ଗୁରୁତର ଅବସ୍ଥା ଦେଖାଯାଏ ଏବଂ ନିରବ ମସ୍ତିଷ୍କ ଇନ୍ଫାର୍କ୍ଟ ଜ୍ଞାନାତ୍ମକ କ୍ଷମତା କମାଇ ଶିକ୍ଷାଗତ ଅସମର୍ଥତା ସୃଷ୍ଟି କରିପାରେ (ଡିବନ୍ ଇତ୍ୟାଦି, ୨୦୧୨) । କିଡ୍ନି, ଫୁସଫୁସ୍, ହୃଦୟ ଓ ପ୍ଳୀହାରେ ବିଭିନ୍ନ ଜଟିଳତା ଦେଖାଯାଏ ଯଥା ଏକ୍ୟୁଟ୍ ଚେଷ୍ଟ ସିଣ୍ଡ୍ରୋମ୍, ପୁଲମୋନାରି ହାଇପରଟେନସନ୍, ନେଫ୍ରୋପଥି ଓ କାର୍ଡିଆକ୍ ଡିସଫଙ୍କସନ୍ ଏବଂ ପ୍ଳୀହା କ୍ଷତି ଫଳରେ ଏନ୍‌କ୍ୟାପ୍ସୁଲେଟେଡ୍ ବ୍ୟାକ୍ଟେରିଆ ବିରୁଦ୍ଧରେ ସଂକ୍ରମଣ ଝୁମ୍ପ ବୃଦ୍ଧି ପାଏ ଯାହା ଶିଶୁମୃତ୍ୟୁର ଏକ ମୁଖ୍ୟ କାରଣ ହୋଇପାରେ (ସର୍ଜେଆଣ୍ଟ, ୧୯୯୭) । **ଭାରତରେ ଏପିଡିମିଓଲୋଜି ଓ ସାମାଜିକ ପ୍ରଭାବ** ଭାରତର ମଧ୍ୟ ଓ ପୂର୍ବ ଆଦିବାସୀ ପଟ୍ଟିରେ ସିକେଲ୍ ସେଲ୍ ରୋଗ ଏକ ଗୁରୁତ୍ୱପୂର୍ଣ୍ଣ ଜନସ୍ୱାସ୍ଥ୍ୟ ସମସ୍ୟା ଭାବେ ପରିଚିତ ଓ କେତେକ ଜନଜାତିରେ କ୍ୟାରିଅର୍ ହାର ୩୦ ରୁ ୪୦ ଶତାଂଶ ପର୍ଯ୍ୟନ୍ତ ଥାଏ ଯାହା ସମୁଦାୟ ଭିତ୍ତିକ ଜିନେଟିକ୍ ପ୍ରସାରକୁ ସୂଚିତ କରେ ଓ ଦରିଦ୍ରତା, ଅପର୍ଯ୍ୟାପ୍ତ ପୋଷଣ ଓ ସ୍ୱାସ୍ଥ୍ୟ ସେବାର ଅଭାବ ଏହାର ପ୍ରଭାବକୁ ଅଧିକ ଗଭୀର କରେ (ବାଲଗିର୍, ୨୦୦୬) । ସ୍କ୍ରିନିଂ ଓ ପ୍ରିମେରିଟାଲ୍ ପରାମର୍ଶର ଅଭାବ ଫଳରେ ରୋଗର ପ୍ରସାର ଓ ମୃତ୍ୟୁହାର ବୃଦ୍ଧି ପାଏ ଏବଂ ଅନେକ ମାମଲାରେ ଦେରୀରେ ନିଦାନ ହେବାରୁ ଜଟିଳତା ବଢ଼ି ଚିକିତ୍ସା ଖର୍ଚ୍ଚ ବୃଦ୍ଧି ପାଏ ଯାହା ପରିବାରକୁ ଆର୍ଥିକ ଓ ମାନସିକ ଭାବେ ପ୍ରଭାବିତ କରେ (ପିଏଲ୍ ଇତ୍ୟାଦି, ୨୦୧୭) । **ଓଡ଼ିଶାର ପରିଦୃଶ୍ୟ ଓ ଚାଲେଞ୍ଜ** ଓଡ଼ିଶାର କନ୍ଧମାଳ, କୋରାପୁଟ, ରାୟଗଡ଼ା, ସୁନ୍ଦରଗଡ଼, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲ୍ଲାରେ କ୍ୟାରିଅର୍ ହାର ଉଚ୍ଚ ଥିବା ସହିତ ଗ୍ରାମୀଣ ଓ ଦୁର୍ଗମ ଅଞ୍ଚଳରେ ଡାୟାଗ୍ନୋଷ୍ଟିକ୍ ସୁବିଧାର ଅଭାବ, ପ୍ରଶିକ୍ଷିତ ମାନବ ସମ୍ପଦର ଅପର୍ଯ୍ୟାପ୍ତତା ଓ ଜନସଚେତନତାର ଅଭାବ ଫଳରେ ରୋଗ ଚିହ୍ନଟ ଓ ପରିଚାଳନାରେ ଦେରୀ ହୁଏ ଯାହା ଜଟିଳତା ବୃଦ୍ଧି କରେ (କୋଲାହ୍ ଇତ୍ୟାଦି, ୨୦୧୫) । **ପ୍ରିମେରିଟାଲ୍ ସ୍କ୍ରିନିଂ ଓ ଜିନେଟିକ୍ ପରାମର୍ଶ** ବିବାହ ପୂର୍ବ ସ୍କ୍ରିନିଂ ଓ ଜିନେଟିକ୍ ପରାମର୍ଶ ରୋଗ ନିୟନ୍ତ୍ରଣର ମୂଳ ଆଧାର ଯାହା ମାଧ୍ୟମରେ ଦମ୍ପତିଙ୍କୁ ତାଙ୍କର କ୍ୟାରିଅର୍ ସ୍ଥିତି ଓ ସନ୍ତାନରେ ୨୫ ଶତାଂଶ ରୋଗ ସମ୍ଭାବନା ବିଷୟରେ ସଠିକ୍ ତଥ୍ୟ ଦିଆଯାଇପାରେ ଏବଂ ସଚେତନ ସିଦ୍ଧାନ୍ତ ଗ୍ରହଣକୁ ଉତ୍ସାହିତ କରାଯାଇପାରେ (ୱେଦରଲ୍, ୨୦୦୧) । ଗର୍ଭଧାରଣ ଓ ନବଜନ୍ମ ସ୍କ୍ରିନିଂ ଗର୍ଭଧାରଣ ସମୟରେ ସ୍କ୍ରିନିଂ ମାଧ୍ୟମରେ ଦମ୍ପତିଙ୍କର କ୍ୟାରିଅର୍ ସ୍ଥିତି ଚିହ୍ନଟ କରି ଜନ୍ମଗତ ଝୁମ୍ପ ବିଷୟରେ ପୂର୍ବ ସଚେତନତା ଦିଆଯାଇପାରେ ଓ ଆବଶ୍ୟକ ହେଲେ ଜନ୍ମପୂର୍ବ ନିଦାନ ପ୍ରକ୍ରିୟା ମାଧ୍ୟମରେ ଭ୍ରୂଣର ଅବସ୍ଥା ଜାଣି ସମୟୋପଯୋଗୀ ପରାମର୍ଶ ଦିଆଯାଇପାରେ (ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ୨୦୨୧) । ନବଜନ୍ମ ସ୍କ୍ରିନିଂ ମାଧ୍ୟମରେ ଜନ୍ମ ପରେ ଶୀଘ୍ର ରୋଗ ଚିହ୍ନଟ କରି ଆରମ୍ଭିକ ଚିକିତ୍ସା, ପେନିସିଲିନ୍ ପ୍ରତିରୋଧ, ଟିକାକରଣ, ପୋଷଣ ଓ ହାଇଡ୍ରୋକ୍ସିଉରିଆ ଚିକିତ୍ସା ଆରମ୍ଭ କରାଯାଇ ଶିଶୁମୃତ୍ୟୁ ଓ ଗୁରୁତର ଜଟିଳତାକୁ ଲକ୍ଷଣୀୟ ଭାବେ କମାଯାଇପାରେ (ୟାନ୍ ଇତ୍ୟାଦି, ୨୦୧୪) । ଚିକିତ୍ସା ପରିଚାଳନା ଓ ନୂତନ ଦିଗ ହାଇଡ୍ରୋକ୍ସିଉରିଆ ଚିକିତ୍ସା ଫିଟାଲ୍ ହିମୋଗ୍ଲୋବିନ୍ ବୃଦ୍ଧି କରି ବେଦନା ସଙ୍କଟ କମାଏ, ରକ୍ତସଂଚାର ଆବଶ୍ୟକତା ହ୍ରାସ କରେ ଓ ଦୀର୍ଘକାଳୀନ ରକ୍ତସଂଚାର ଷ୍ଟ୍ରୋକ୍ ପ୍ରତିରୋଧରେ ଉପକାରୀ ଥାଏ, ଏହା ସହିତ ନିୟମିତ ଫଲୋଅପ୍, ରକ୍ତ ପରୀକ୍ଷା ଓ ସମୟୋପଯୋଗୀ ହସ୍ପିଟାଲ୍ ଯତ୍ନ ରୋଗ ପରିଚାଳନାର ମୂଳ ଅଂଶ (ଚାରାଚେ ଇତ୍ୟାଦି, ୧୯୯୫) ।ନୀତିମୂଳକ ରୋଡମ୍ୟାପ୍ ଓ ଭବିଷ୍ୟତ ଦିଗ ସମନ୍ୱିତ ନିୟନ୍ତ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ସ୍କ୍ରିନିଂ, ନିଦାନ, ଚିକିତ୍ସା, ପରାମର୍ଶ, ଜନସଚେତନତା, ତଥ୍ୟ ସଂଗ୍ରହ ଓ ଦୀର୍ଘକାଳୀନ ନିରୀକ୍ଷଣକୁ ଏକତ୍ର କରି ଓଡ଼ିଶାରେ ସିକେଲ୍ ସେଲ୍ ନିୟନ୍ତ୍ରଣ ଓ ନିରାକରଣର ଦୃଢ଼ ଭିତ୍ତି ସୃଷ୍ଟି କରାଯାଇପାରେ ଏବଂ ସରକାର, ଚିକିତ୍ସକ, ସମୁଦାୟ ଓ ଶିକ୍ଷା ପ୍ରତିଷ୍ଠାନମାନଙ୍କ ସମନ୍ୱୟ ଏଥିରେ ମୂଳ ଭୂମିକା ନିଅଇପାରେ (କୋଲାହ୍ ଇତ୍ୟାଦି, ୨୦୧୫) ।ଉପସଂହାର ସିକେଲ୍ ସେଲ୍ ରୋଗ ଭାରତ ଓ ବିଶେଷତଃ ଓଡ଼ିଶାର ଆଦିବାସୀ ଅଞ୍ଚଳରେ ଗଭୀର ସ୍ୱାସ୍ଥ୍ୟ, ସାମାଜିକ ଓ ଆର୍ଥିକ ପ୍ରଭାବ ପକାଉଛି ଏବଂ ପ୍ରିମେରିଟାଲ୍ ସ୍କ୍ରିନିଂ, ଗର୍ଭଧାରଣ ସମୟରେ ଚିହ୍ନଟ, ନବଜନ୍ମ ସ୍କ୍ରିନିଂ, ହାଇଡ୍ରୋକ୍ସିଉରିଆ ଚିକିତ୍ସା ଓ ସମନ୍ୱିତ ସ୍ୱାସ୍ଥ୍ୟ ନୀତି ମାଧ୍ୟମରେ ରୋଗ ନିୟନ୍ତ୍ରଣ ସହିତ ଦୀର୍ଘକାଳୀନ ନିରାକରଣ ଦିଗରେ ଗତି କରିବା ସମ୍ଭବ ଏବଂ ଏହା ପାଇଁ ସରକାରୀ ପଦକ୍ଷେପ ସହ ସମୁଦାୟ ଭିତ୍ତିକ ସଚେତନତା ଅତ୍ୟାବଶ୍ୟକ (ୱେଦରଲ୍, ୨୦୦୧) ।

ଏମ୍‌ବିବିଏସ୍, ଏମ୍ଡି (ମେଡିସିନ୍),
ଡିଏମ୍ (ନ୍ୟୁରୋଲୋଜି)
ମୁଖ୍ୟ, ସ୍ନାୟୁ ବିଭାଗ
ଶ୍ରୀ ବାଲାଜୀ ଇନ୍‌ଷ୍ଟିଚ୍ୟୁଟ ଅଫ୍
ମେଡିକାଲ ସାଇନ୍‌ସ୍‌ସ୍, ରାୟପୁର,
ଛତିଶଗଡ଼, ଭାରତ

# ଠାକୁରଙ୍କୁ କେହି ଚର୍ମ ଚକ୍ଷୁରେ ଦେଖିଛ କି ?

ଉତ୍କଳାନନ୍ଦ ଅଜୟ
କୁମାର ବେହେରା

ଠାକୁରଙ୍କୁ କେହି ଚର୍ମ ଚକ୍ଷୁରେ ଦେଖିଛ କି ? ଯଦି ଦ୍ୱିଚକ୍ଷୁରେ ବିଷ୍ଣୁଙ୍କ କାମ ଚଳି ଯାଉଛି ତେବେ ଶିବଙ୍କ ତ୍ରିଚକ୍ଷୁ କାହିଁକି ? ସେମିତି ଶିଶୁର ଛୋଟ ବେଳକୁ ତାର ଚକ୍ଷୁ ତାର ଜନ୍ମ ଦାତ୍ରୀକୁ ଖୋଜୁଥିଲାବେଳେ ସେହି ଶିଶୁ ବଡ଼ ହୋଇ ଯୌବନରେ ପଦାର୍ପଣ କଲେ ତାର ଜୀବନ ସାଥି ଯୁବକ ବା ଯୁବତୀ ପ୍ରତି ଚକ୍ଷୁକୁ ଲଗାଉଛି। ପିଲାମାନେ ପାଠ ଆରମ୍ଭକୁ ଦୃଷ୍ଟି ଶକ୍ତି ଚକ୍ଷୁର କେତେ ଶକ୍ତ ହେଲେ ପାଠ୍ୟ ପୁସ୍ତକରେ ବଡ଼ ବଡ଼ ଅକ୍ଷର, ପତଳା ପତଳା ବହି, ଆଉ ବୟସ୍କ ବେଳକୁ ଦୃଷ୍ଟି ଶକ୍ତି ଦୁର୍ବଳକୁ ମୋଟା ବହିରେ ଟିକି ଟିକି ଅକ୍ଷର, ଏକବ୍ୟକ୍ତିର ଚକ୍ଷୁର ଦୃଶ୍ୟ କ୍ଷମତା ବୋଧ ଶକ୍ତି, ଶିଶୁ ମସ୍ତିଷ୍କରେ ବାହ୍ୟ ଦୃଶ୍ୟ ପରିଚିତ ଖୁନ୍ଦା ଯାଉଛି କିନ୍ତୁ ସେହି ସବୁଦୃଶ୍ୟ ପରିବେଶ ବୃଦ୍ଧ କାଳରେ ମାନସ ପଟରୁ ସମୟ ପରିବେଶରେ ତତ୍କାଳ ଲଗାଇ ପରିସ୍ଥିତି ସମାଧାନ କରାଯାଏ। ଆଉ ହାଟ ଯାତ୍ରାରେ ଅନେକ ଲୋକ ଘୋ, ଘୋ ଶବ୍ଦରେ ସ୍ଥାନ କମ୍ପୁଛି କେହି ତାର ଇପ୍ସିତ ଜନକୁ ସେଠାରେ ଖୋଜିଲେ ଖୋଜିବ ଏ ପାଇଁ ତତ୍କାଳୀନ ଘୋ, ଘୋରେ ଡାକଦେବା ନିରର୍ଥକ, ଭିଡ଼ରେ ପଶି ଚିହ୍ନଟ କରିବା ବି ସମୟ ସାପେକ୍ଷ, ଯଦି ଏହି ପ୍ରକାର ପୋଷାକରେ ଅନେକ ଥିବେ ଆହୁରି ଗୋଲକ ଧନ୍ଦା।

ହେଲେ ଯଦି ନିର୍ଦ୍ଦିଷ୍ଟ ସ୍ଥାନ ସଂକେତ ଥାଏ ମିଳିବା ସହଜ କିନ୍ତୁ ଏ ସମୟକୁ ମୋବାଇଫୋନରେ ଏହା ଦୁଇ ଜନଙ୍କୁ ମିଳାଇ ଦେବା ସହଜ କରିଦେଇଛି କଥାବାର୍ତ୍ତା ମୁଖଦେଖା ସ୍ଥାନ ଦେଖା ସବୁ ହୋଇଯାଉଛି। ହେଲେ ଏହି ଟେଲିଫୋନରେ ଯତ୍ର ତତ୍ର ସର୍ବତ୍ର ଥିବା ଭଗବାନଙ୍କୁ ଖୋଜି ହେବ କି ? ଯେତେବେଳେ କାମେରା ହାତେ ହାତେ ସେତେବେଳେ ମୂର୍ତ୍ତିର ଫଟୋ ଉଠାଯାଉଛି ପୌରାଣିକ ଦେବ ଅସୁର ମଣିଷ ମାନଙ୍କ ଚରିତ୍ର ଅଭିନୟ ଫଟୋ ଉଠୁଛି କିନ୍ତୁ ହାୟ ସତ୍ୟ ଦେବତା ଫଟୋ କେହି ଉଠାଇ ପାରିଲେଣିକି ? ଶଙ୍କରଙ୍କ ଧ୍ୟାନୀ ମୂର୍ତ୍ତି ଋଷି ମୁନୀଙ୍କ 'ସ୍ୱାମୀ ବିବେକାନନ୍ଦଙ୍କ, ବୁଦ୍ଧଦେବଙ୍କ ଏମିତି ଧ୍ୟାନୀ ମୂର୍ତ୍ତି ଫଟୋ ରହିଛି ଏମାନେ ଚକ୍ଷୁ ବୁଜି କ'ଣ ଦେଖୁଛନ୍ତି ? ନିଶ୍ଚୟ ଅଧୋମୁଖିଦୃଷ୍ଟି, ଅନ୍ତର୍ମୁଖୀ ଦୃଷ୍ଟିରେ ଏମାନେ ତାଙ୍କର ଲୟ ଏକ ନିର୍ଦ୍ଦିଷ୍ଟ ପ୍ରତି ଲଗାଇଛନ୍ତି। ଏକ ବିଦ୍ୟା ଜଣଙ୍କର ସିଦ୍ଧି ଅର୍ଥ ତାଙ୍କ ପାଇଁ ଦୁନିଆଁର ପରିବେଶ ନିଶ୍ଚୟ ବଦଳିବ ଏହା ଧ୍ରୁବ ସତ୍ୟ। ଏହିକେଇ କେବଳ ନୁହନ୍ତି ଆହୁରି ଅନେକ ଏପରି ଅନ୍ତରମୁଖୀ ସାଧନା କରିବା ପରେ ତାଙ୍କ ସିଦ୍ଧି ସହ ସଂସାରର ଜୀବନ ଧାରା ବଦଳି ଯାଉଛି। ଜଣେ ବିଦ୍ୟା ସିଦ୍ଧ ଆଇଏଏସ ଅଫିସର, ଜଣେ ଜନନେତା କୌଣସି ଦାୟିତ୍ୱ ନେବା ପରେ ପୂର୍ବ ପରିବେଶ ବଦଳିବା ଦେଖାଯାଉଛି। ନିଜର ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରିବା ପାଇଁ ଶରୀର ମଧ୍ୟରେ ଉହ୍ୟ ହୋଇ ରହିଥିବା ବାଧା ଆଣୁଥିବା ବିକାରମାନେ ରିପୁ, ଆଳସ୍ୟ, ନିଦ୍ରା, କାମ ଚିନ୍ତା, ଶତୃତା ସାଧନ, ପୁଣି ଆୟୁ ଶେଷ ନହୋଇ ଅମରତ୍ୱ ଚିନ୍ତା ଯହିଁରେ ପ୍ରକୃତିରା ଧାରାକୁ ନିଜ ହାତକୁ ନେଇ ବ୍ରହ୍ମା ବିଷ୍ଣୁ ଆଦିଙ୍କ ଶକ୍ତି ହାସଲ କରିବା। ଏହା ସାଧନା ସିଦ୍ଧିର ଘୋର ବିରୁଦ୍ଧକାର୍ଯ୍ୟ। ପାଠ ପଢୁଥିବା ଛାତ୍ରଛାତ୍ରୀମାନେ ଏକ ସାଧନା କରୁଛନ୍ତି। ପୁରାଣ ପ୍ରମାଣ ଯେ ସାଧନା କରିବ ତାକୁ ଇନ୍ଦ୍ର ଭାଙ୍ଗିବାକୁ ମୋହ ମାୟା ଭୟ କାମଚିନ୍ତା ଲଗାଇ ଭାଙ୍ଗିବାକୁ ଚେଷ୍ଟା କରନ୍ତି। ରମ୍ଭା ମେନକା ଉର୍ବଶୀ ପରି ସ୍ୱର୍ଗ ସୁନ୍ଦରୀ ମାନଙ୍କୁ ପୁରୁଷ ସାଧକ ତପି ମାନଙ୍କୁ ତପ ଭ୍ରଷ୍ଟ କରାନ୍ତି। ଖୋଦ ବିଶ୍ୱାମିତ୍ର ଏପରି ଅବସ୍ଥାରେ ପଡ଼ିଥିଲେ। ଗୁରୁ ମଛିନ୍ଦ୍ର ନାଥ ପଡ଼ିଥିଲେ, ଆଉ ନାରୀ ସାଧିକା ମାନେ ଏପରି ଭ୍ରଷ୍ଟ ବି ହୋଇଛନ୍ତି, ବୃନ୍ଦାବତୀ ସ୍ୱାହ, ସ୍ୱଧା, ଶାରଦା ତାଙ୍କର ସିଦ୍ଧି ଭଙ୍ଗ ହୋଇଛି ଅବଶ୍ୟ ବିଷ୍ଣୁ ମାୟାରେ ଏମାନେ ପୁନଃ ପ୍ରତିଷ୍ଠିତ ହେଲେ। ମନୁଷ୍ୟ ପିଲାମାନେ ଏପରି ମାଟିମେନକାଙ୍କ ହାବୁଡ଼େ ପଡୁଛନ୍ତି ଅନେକ ଦୁଷ୍ଟ କାମାତୁର ଯୁବକ ଛାତ୍ରୀ ମାନଙ୍କ ବିଦ୍ୟା ଅର୍ଜନରେ ପ୍ରତି ବନ୍ଧକ ଆଣୁଛନ୍ତି। ଯାହା ପୂର୍ବ କାଳରେ ସେ ମାନଙ୍କୁ ଅସୁର କୁହାଯାଉଥିଲା। ଯେ କୌଣସି ବିଦ୍ୟା ସିଦ୍ଧି ହେଲେ ଚୌବର୍ଗ ପରେ ପରେ ସଦା ମିଳିଥାଏ। ଏଥିପାଇଁ ସର୍ବମ ମିଥ୍ୟା ଜପମ କୁରୁ ପ୍ରତି ଧ୍ୟାନ ଦିଅନ୍ତୁ, ଅନ୍ତରମୁଖୀ ହୁଅନ୍ତୁ, ବାହ୍ୟ ହାଟରେ ମନ ଦିଅନ୍ତୁ ନାହିଁ।

ସମ୍ପାଦକ 'ନିୟତି' ଅରୁଣୋଦୟ
ନଗର, କଟକ, ଦୂରଭାଷ :
୯୪୩୭୧୦୩୧୨୫୩

# ସଠିକ ସମାଚାର ଓ ନିଷ୍ପତ୍ତି ପରିବାର ପକ୍ଷରୁ ଅନ୍ତର୍ଜାତୀୟ ଚା' ଦିବସ




**ଭୁବନେଶ୍ୱର,୨୧।୫ :** 'ସଠିକ ସମାଚାର' ଓ 'ନିଷ୍ପତ୍ତି ପରିବାର' ଏବଂ ସିଦ୍ଧ ସିଟି ରିଅଲ ଇଷ୍ଟେଟ୍ ପ୍ରଯୋଜନା ସଂସ୍ଥା ପକ୍ଷରୁ ଆଜି ଅନ୍ତର୍ଜାତୀୟ ଚା' ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଜୟଦେବ ଭବନ ସମ୍ମୁଖସ୍ଥ ପଡ଼ିଆଠାରେ ଭୁବନେଶ୍ୱରର ବଛା ବଛା ଚା ଦୋକାନୀମାନଙ୍କୁ ନେଇ ଏକ ଚା'ଆସର ଓ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଚା'ପ୍ରେମୀ ଓ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇ ଚା' ପାନୀୟର ମଜା ନେଇଥିଲେ। ବରିଷ୍ଠ ସାମ୍ବାଦିକ ରବି ଦାସ ପ୍ରଥମେ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ,ସାମ୍ବାଦିକ ପ୍ରଫୁଲ୍ଲ ଚନ୍ଦ୍ର ଦାସ,କଳିଙ୍ଗ ସେନା ମୁଖ୍ୟ ହେମନ୍ତ ରଥ, ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ମନୋରଞ୍ଜନ ମିଶ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଆର୍ତ୍ତବନ୍ଧୁ ସାମନ୍ତରାୟ, ରାଜ୍ୟ ଯୁବ ବିଜେଡି ସମ୍ପାଦକ ମନୋଜ କୁମାର ଦାସ, ସମାଜସେବୀ ମମତା ମଲ୍ଲିକ, କଂଗ୍ରେସ ନେତ୍ରୀ ଜୟସ୍ମିତା ମହାନ୍ତି, ସୁଶାନ୍ତ ନାହାକ, ସରୋଜ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଗୀତଗୋବିନ୍ଦ ସଦନଠାରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପ୍ରଫେସର ପୃଥ୍ୱୀରାଜ ହରିଚନ୍ଦନ, ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ସାମ୍ବାଦିକ ଗିରିଜା ଶଙ୍କର ଦାସ,ସାମ୍ବାଦିକ ରବି ଦାସ,ପ୍ରସନ ମହାନ୍ତି, ହେତୁବାଦୀ ତଥା ଶ୍ରମିକ ନେତା ପ୍ରଫୁଲ୍ଲ ସମାନ୍ତରାୟ ପ୍ରମୁଖ ଅତିଥି ଭାବେ ଯୋଗ




ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାମ୍ବାଦିକ ପ୍ରମୋଦ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିବା ପରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହା ପରେ ଆୟୋଜକ ସଠିକ ସମାଚାରର ମୁଖ୍ୟ ସତ୍ୟଜିତ ରାୟ ଚୌଧୁରୀ 'ଅନ୍ତର୍ଜାତୀୟ ଚା ଦିବସ'ରେ ଚା କେବଳ ଏକ ପାନୀୟ ନୁହେଁ, ଏହା ହେଉଛି ଭାଇଚାରା ଓ ସାମାଜିକତାର ପ୍ରତୀକ। ଚା' କପ୍ ?ରେ ଯେମିତି ସମାଜର ଚର୍ଚ୍ଚା ହୁଏ, ଠିକ୍ ସେହିପରି ଏକ ସୁସ୍ଥ ସମାଜ ଗଠନ ପାଇଁ ସଠିକ୍ ଖବରର ମଧ୍ୟ ଆବଶ୍ୟକତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଶୁଭ ଅବସରରେ 'ବିଶ୍ୱ ଖବର' ପାକ୍ଷିକ ପତ୍ରିକା ଏବଂ ଏହାର ଡିଜିଟାଲ ଚାନେଲ ଲୋକାର୍ପିତ ହୋଇଥିଲା। ଖବର କହିଲେ କେବଳ ସୂଚନା ନୁହେଁ, ଏହା ସତ୍ୟର ଆଇନା ହେବା ଉଚିତ୍। ମୋର ବିଶ୍ୱାସ, 'ବିଶ୍ୱ ଖବର' କେବଳ ଘଟଣାକୁ ପରିବେଷଣ କରିବ ନାହିଁ, ବରଂ ଜନସାଧାରଣଙ୍କ ସ୍ୱର ସାଜିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହା ପରେ ଚା ଦିବସ ଅବସରରେ ଯୋଗ ଦେଇଥିବା ଚା ବିକ୍ରେତା ଓ ଚାରି ଜଣ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱ ଖବରର ସହ ସମ୍ପାଦକ ବିଶ୍ୱଜିତ ରାୟ ଚୌଧୁରୀ,ପ୍ରଦ୍ୟୁମ୍ନ ମହାନ୍ତି, ଜୟକୃଷ୍ଣ ଶତପଥୀ, ପ୍ରିୟବ୍ରତ ଶତପଥୀ, ବିଶ୍ୱଜିତ ସାମଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପରୀକ୍ଷାରେ କୃତିତ୍ୱ ହାସଲ କଲେ ଶ୍ରୁତି

**କୋଟପାଡ଼,୨୧।୫ :** ପ୍ରକାଶ ପାଇଛି +୨ କଳା, ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାଫଳ,ଆଜିର ଏହି +୨ ପରୀକ୍ଷାଫଳ ପ୍ରକାଶ ପାଇଲା ପରେ କୋଟପାଡ଼ ଅଞ୍ଚଳର ଛାତ୍ର,ଛାତ୍ରୀମାନେ ଖୁସିରେ ଉତ୍ସାହିତ ହେବାର ଦେଖିବାକୁ ମିଳିଛି, ଆପଣମାନେ ଜାଣିଛନ୍ତି କୌଣସି ସଫଳତା ଆଣିବାର ଅଛି ତୋ ଛାତ୍ର, ଛାତ୍ରୀ ମାନେ ମାନସିକ, ଶାରୀରିକରେ ସଦା ସର୍ବଦା ସୁସ୍ଥ ଓ କଠିଣ ପରିଶ୍ରମ ଏବଂ ସମସ୍ତଙ୍କ ଆଶୀର୍ବାଦ ଆବଶ୍ୟକତା ଦରକାର ପଡିଥାଏ,ଏହିପରି ଗୋଟିଏ ଉଦାହରଣ କୋଟପାଡ଼ ଅଞ୍ଚଳରେ ଦେଖିବାକୁ ମିଳିଛି,କୋଟପାଡ଼ ଅଞ୍ଚଳର ଯୁବ ଓକିଲ ତଥା କୋଟପାଡ଼ କଂଗ୍ରେସର ଜଣେ ତୀକ୍ଷଣ ନେତା ଶଙ୍କର ପ୍ରସାଦ ପଣ୍ଡାଙ୍କ ଝିଅ ସ୍ମୃତି ପଣ୍ଡା ଜଣେ ଜନ୍ମଠାରୁ ଭିନ୍ନକ୍ଷମ ହୋଇ ଉଐଝରେ +୨ ପରୀକ୍ଷାରେ ୭୦%ମାର୍କ ରଖି କୃତିତ୍ୱ ଆଣିଛନ୍ତି,ବିଶେଷକରି ସ୍ମୃତି ପଣ୍ଡା ଛୋଟରୁ ଜଣେ କଠିଣ ପରିଶ୍ରମି ଛାତ୍ରୀ ଅଟନ୍ତି,ନିଜର ପାଠପଢ଼ା ସିଦ୍ଧାର୍ଥ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଆରମ୍ଭ କରି ସୁନ୍ଦର ପାଠ ପଢିବା ସହିତ ପ୍ରଥମ ରୁ ଦଶମ ଶ୍ରେଣୀ



ପର୍ଯ୍ୟନ୍ତ ସଦା ସର୍ବଦା ବିଦ୍ୟାଳୟରେ ଭଲ ନଂ ରଖି ଉତୀର୍ଣ୍ଣ ହୋଇଥିଲେ,ପରେ କୋଟପାଡ଼ ଏସଏସଡ଼ି ବିଦ୍ୟାଳୟରେ +୨ CHSE ରେ ଯୋଗଦାନ କରିଥିଲେ ଓ ସେହି ବିଦ୍ୟାଳୟରେ ଭଲଭାବରେ ପଢିବା ସହିତ ନିଜ ମନକୁ ଦୃଢ଼ କରି ବହୁ ଆଗକୁ ଯାଇଥିଲେ,ସୂଚନା ଥାଉକି ଶ୍ରୁତି ପଣ୍ଡା ନିଜସ୍ୱ ପରିଶ୍ରମ ଏବଂ ବିନା ଟିଉସନରେ, ବିଦ୍ୟାଳୟର ସମସ୍ତ ଶିକ୍ଷକ,ଶିକ୍ଷୟତ୍ରୀଙ୍କ ମାର୍ଗ ଦର୍ଶନ ଓ ବାପା, ମା ଙ୍କ ଉତ୍ତମ ଶିକ୍ଷା ଓ ଭଲ ପାଇବା ଗ୍ରହଣ କରି ଏହି କୃତିତ୍ୱ ହାସଲ କରିଥିବାର ଦେଖିବାକୁ ମିଳିଛି, ବିଶେଷକରି ଶ୍ରୁତି ପଣ୍ଡା ହେଉଛି ଜେଜେ ବାପା ଦୁର୍ଗା ପ୍ରସାଦ ପଣ୍ଡାଙ୍କ ନାତୁଣୀ,ବରିଷ୍ଠ ଓକିଲ ଶଙ୍କର ପ୍ରସାଦ ପଣ୍ଡା ଓ ସ୍ୱାସ୍ଥ୍ୟ କର୍ମୀ ଏ.ଏନ.ଏମ ସଙ୍ଘମିତ୍ରା ପଣ୍ଡାଙ୍କ ଜ୍ୟେଷ୍ଠ କନ୍ୟା,ସେ ଭିନ୍ନକ୍ଷମ ହୋଇ ନିଜ ଗୋଡ଼ରେ ଚାଲିପାରୁନଥିବାରୁ ବାପା ଓ ମାଙ୍କ ସହାୟତାରେ ବିଦ୍ୟାଳୟକୁ ସବୁଦିନ ଉପସ୍ଥିତ ରହୁଥିଲେ,ଶ୍ରୁତି ନିଜର ପାଠପଢ଼ାର ଏକାଗ୍ରତା ଏବଂ ଏହି କୃତିତ୍ୱ ନିଶ୍ଚିତ ବର୍ତ୍ତମାନ ଛାତ୍ର, ଛାତ୍ରୀମାନଙ୍କୁ ଉଦାହରଣ ପ୍ରଦାନ କରିବ ତାହା ତିଳେ ମାତ୍ର ସନ୍ଦେହ ନାହିଁ,ଶ୍ରୁତି ପଣ୍ଡା ଏହି ସଫଳତାରେ କୋଟପାଡ଼ ଅଞ୍ଚଳର ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ,ସମସ୍ତ ବୁଦ୍ଧିଜୀବୀ, କୋଟପାଡ଼ ଓକିଲ ସଙ୍ଘ ଓ ସମସ୍ତ ମିଡ଼ିଆ ବନ୍ଧୁ ମାନଙ୍କ ପକ୍ଷରୁ ପ୍ରଶଂସାର ସୁଅ ଛୁଟିଥିବାର ଦେଖିବାକୁ ମିଳିଥିଲା ଏବଂ ଶ୍ରୁତି ପଣ୍ଡାଙ୍କ ଉଜ୍ଜଳ ଭବିଷ୍ୟତ ସହିତ ଶୁଭେଚ୍ଛା ଓ ଅଭିନନ୍ଦନ ପ୍ରଦାନ ସହ ଆଶୀର୍ବାଦ ପ୍ରଦାନ କରିଥିବାର ଦେଖିବାକୁ ମିଳିଥିଲା।

## ଅଗ୍ନି ବର୍ଷା : ୪୪.୨ ଡିଗ୍ରୀରେ ସିଝୁଛି ଜନଜୀବନ

# ଅସହ୍ୟ ତାତି ରାତିରେ ଗୁଳୁଗୁଳି ଲୋକେ ଅସ୍ତବ୍ୟସ୍ତ




**ବୌଦ୍ଧ,୨୧।୫:** ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (DEOC), ବୌଦ୍ଧ ପକ୍ଷରୁ ଗୁରୁବାର ସନ୍ଧ୍ୟା ସୁଦ୍ଧା ପ୍ରକାଶିତ ପାଣିପାଗ ବିବରଣୀ ଅନୁଯାୟୀ ଜିଲ୍ଲାରେ ତୀବ୍ର ଖରା ଓ ଉଷ୍ମ ଅବସ୍ଥା ଜାରି ରହିଛି। ଆଜି ବୌଦ୍ଧ ଜିଲ୍ଲାର ସର୍ବାଧିକ ତାପମାତ୍ରା ୪୪.୨ ଡିଗ୍ରୀ ସେଲସିଅସ୍ ରେକର୍ଡ କରାଯାଇଥିବା ବେଳେ ସନ୍ଧ୍ୟା ୫.୩୦ ସୁଦ୍ଧା ଡ୍ରାଇ ବଲ୍ବ ତାପମାତ୍ରା ୩୯.୮ ଡିଗ୍ରୀ ସେଲସିଅସ୍ ଏବଂ ୱେଟ ବଲ୍ବ ତାପମାତ୍ରା ୩୪.୮ ଡିଗ୍ରୀ ସେଲସିଅସ୍ ରହିଥିଲା। ସେହିପରି ଡ୍ୟୁ ପଏଣ୍ଟ ୩୩.୪ ଡିଗ୍ରୀ ସେଲସିଅସ୍ ନଓ ଆପେକ୍ଷିକ ଆର୍ଦ୍ରତା ୭୧ ପ୍ରତିଶତ ରେକର୍ଡ ହୋଇଛି। ଆଜି ଜିଲ୍ଲାରେ କୌଣସି ବର୍ଷାପାତ ହୋଇନଥିବା ବେଳେ ପାଗ ସମ୍ପୂର୍ଣ୍ଣ ଖରା ଏବଂ ରୌଦ୍ରମୟ ରହିଥିଲା। ତୀବ୍ର ଉଷ୍ମ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସାଧାରଣ ଲୋକଙ୍କୁ ଅତ୍ୟାବଶ୍ୟକ କାମ ନଥିଲେ ଦିନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଘର ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ପ୍ରଚୁର ପରିମାଣରେ ପାଣି, ଓଆରଏସ୍ ଏବଂ ହାଲୁକା ଖାଦ୍ୟ ଗ୍ରହଣ କରିବା ସହ ଶିଶୁ, ବୃଦ୍ଧ ଓ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବାକୁ ଅନୁରୋଧ କରାଯାଇଛି।

# ଶିଶୁ କଳାକାରଙ୍କ ପ୍ରତିଭାରେ କମ୍ପିଲା ମଞ୍ଚ, 'ପ୍ରଣାମ' ଗ୍ରୀଷ୍ମ ଶିବିର ଉଦ୍‌ଯାପିତ

**ବୌଦ୍ଧ,୨୧।୫:** ବୌଦ୍ଧ ଜିଲ୍ଲାର ଅଗ୍ରଣୀ ନୃତ୍ୟାନୁଷ୍ଠାନ 'ପ୍ରଣାମ ' ଦ୍ୱାରା ଆୟୋଜିତ ହୋଇଥିବା ୧୫ ଦିନିଆ 'ପଞ୍ଚମ ପ୍ରଣାମ ସମର ଫେଷ୍ଟ -୨୦୨୬' ଗତକାଲି ସ୍ଥାନୀୟ ଟାଉନ ହଲ ଠାରେ ଉଦଯାପିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ବସନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ଶତାଧିକ ଶିଶୁ ଓ ଯୁବ କଳାକାର ଅଂଶ ଗ୍ରହଣ କରିଥିଲେ କ୍ଷ ଗ୍ରୀଷ୍ମ ଶିବିର ଶିଶୁମାନଙ୍କ ପାଇଁ ପିତା ମାତାଙ୍କ ଏକ ମୁଲ୍ୟବାନ ଉପହାର ଓ ଏହାଦ୍ୱାରା ଶିଶୁମାନେ ମୋବାଇଲ ଠାରୁ ଦୂରେରେ ରହିବା ଶିଖିପାରିବେ ବୋଲି ଶ୍ରୀ ସାହୁ ବକ୍ତବ୍ୟରେ କହିଥିଲେ । ଉକ୍ତ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ମୁଖ୍ୟଅତିଥି ରୂପେ ଯୋଗଦାନ କରି ଅଂଶଗ୍ରହଣକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ ପୂର୍ବକ ଉତ୍ସାହିତ କରିବା




ସହ ଶିଶୁମାନଙ୍କ ଆଗ୍ରହ ମୁତାବକ ସୁଯୋଗ ପ୍ରଦାନ କରିବା ଓ ବିହଙ୍ଗପରି ଉଡିବା ପାଇଁ ଛାଡି ଦେବା ପାଇଁ ଉପସ୍ଥିତ ପିତାମାତା ଓ ଅଭିଭାବକ ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ତଥା ଗୁରୁ ପ୍ରଶାନ୍ତ କୁମାର ଭାଇନା ଏହି କାର୍ଯ୍ୟକ୍ରମ ଓ ଶିବିରକୁ ପରିଚାଳନା କରିଥିବା ବେଳେ ପ୍ରତିଷ୍ଠାତା ଶ୍ରୀମତୀ ସୁକାନ୍ତି ସିଂ, ଓ ନୃତ୍ୟଗୁରୁ ସୋନୁ ମହାନନ୍ଦ ସମ୍ମାନିତ ଅତିଥି ରୂପେ ଯୋଗଦାନ କରି ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ । ମଇ ୫ ତାରିଖରୁ ଆରମ୍ଭ କରି ମଇ ୨୦ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୧୫ ଦିନବ୍ୟାପୀ ଅକ୍ଲାନ୍ତ ପରିଶ୍ରମ କରି ୧୦୨ ଜଣ ଶିବିରାର୍ଥିଙ୍କୁ ପ୍ରଶାନ୍ତ କୁମାର ଭାଇନାଙ୍କ ତତ୍ତ୍ୱାବଧାନରେ ୧୫ ଜଣିଆ ଏକ ପ୍ରଶିକ୍ଷକ ଦଳ ପ୍ରଶିକ୍ଷଣ ଦେଇଥିଲେ । ଏଥିରେ ଶୋଭନ କରଡିଆ,ଶଙ୍କର ପ୍ରସାଦ ନାୟକ,ଅଭିଷେକ ବେହେରା,ରୋଶନ ବେହେରା,ହଂସିକା ମନ୍ତ୍ରୀ,ଆଶ୍ଳେଷା ମନ୍ତ୍ରୀ, ବୈଷ୍ଣବୀ ପରିଡା, ଶ୍ରଦ୍ଧାଞ୍ଜଳୀ ମେହେର, ଶିବଦତ୍ତା ଶିବାନୀ, ସୁନିତା ଦାଶ, ସନ୍ଧ୍ୟାରାଣୀ ମିଶ୍ର, ସୁଧୀର ବାରିକ, ସ୍ନେହାରାଣୀ ମିଶ୍ର ପ୍ରମୁଖ ଥିଲେ । ପ୍ରଶିକ୍ଷକ ମାନେ ନୃତ୍ୟ, ଯୋଗ, ଚିତ୍ରାଙ୍କନ ଓ ହସ୍ତକଳା, ଶ୍ଳୋକ ଆବୃତି , ଆତ୍ମରକ୍ଷା କୌଶଳ,ଆତ୍ମ ବିଶ୍ୱାସବୃଦ୍ଧି, ରାମ୍ପ ୱାକ ଆଦିକୁ ଉତ୍ତମ ଭାବେ ଶିକ୍ଷା ପ୍ରଦାନ କରିଥିଲେ । ଉତ୍ସବରେ ମୋଟ ୧୫ ଟି ଦଳ ନିଜନିଜର କଳାକୃତି ଅତି ଚମତ୍କାର ଭାବରେ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ପ୍ରଦର୍ଶନ ମଧ୍ୟରେ ମାହାରୀ ନୃତ୍ୟ, ନୃତ୍ୟ 'ବାପା', ବଲିଉଡ,ସମ୍ବଲପୁରୀ ନୃତ୍ୟ,ସମକାଳୀନ ନୃତ୍ୟ, ଯୋଗ,ହାସ୍ୟ ନୃତ୍ୟ, ଶ୍ଳୋକ,ରାମ୍ପ ୱାକ, ଆଦି ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା ।

## ପୋଖରୀରେ ବୁଡ଼ି ନାବାଳକ ମୃତ

**ବାଲେଶ୍ୱର,୨୧।୫ :** ବାଲେଶ୍ୱର ସହରର ମଠସାହି ନିକଟସ୍ଥ ହରଗଙ୍ଗା ପୋଖରୀରେ ଗାଧୋଇବା ବେଳେ ଜଣେ ୧୫ ବର୍ଷୀୟ ନାବାଳକ ବୁଡ଼ିଯାଇ ମୃତ୍ୟୁବରଣ କରିଥିବା ଘଟଣା ସହରରେ ଶୋକର ପରିବେଶ ସୃଷ୍ଟି କରିଛି। ମୃତ ନାବାଳକ ହେଲେ ଖପରାପଦା ଅଞ୍ଚଳର ସମିର ହୁସେନ।ସୂଚନା ଅନୁଯାୟୀ, ସମିର ତାଙ୍କ ୫ ଜଣ ସାଙ୍ଗଙ୍କ ସହ ହରଗଙ୍ଗା ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଗାଧୋଇବା



ସମୟରେ ସେ ଅସାବଧାନତାବଶତଃ ଗଭୀର ପାଣିକୁ ଚାଲିଯାଇ ବୁଡ଼ିଯାଇଥିଲେ। ସାଙ୍ଗମାନେ ଚିତ୍କାର କରିବା ପରେ ସ୍ଥାନୀୟ ଲୋକେ ଟାଉନ ଥାନା ପୋଲିସ ଓ ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଘଟଣାସ୍ଥଳରେ ପହଞ୍ଚି ଦମକଳ ବାହିନୀ ଓ ପୋଲିସ ପ୍ରାୟ ଦେଢ଼ ଘଣ୍ଟା ଧରି ଖୋଜାଖୋଜି କରିବା ପରେ ପାଣି ଭିତରୁ ସମିରଙ୍କୁ ଉଦ୍ଧାର କରିଥିଲେ। ତୁରନ୍ତ ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଏହି ଘଟଣାକୁ ନେଇ ବାଲେଶ୍ୱର ଟାଉନ ଥାନା ପୋଲିସ ତଦନ୍ତ ଜାରି ରଖିଛି।

## ସମାଜସେବାରେ ନୂଆ ଦୃଷ୍ଟାନ୍ତ ସୃଷ୍ଟି କଲା ଦୟାନିଧି ପ୍ରତିଷ୍ଠାନ

# ବାଲିକୁଦା ଚଷାପଡ଼ାରେ ଅସହାୟଙ୍କ ପାଖରେ ପହଞ୍ଚିଲେ ସମାଜସେବୀ

**ଫୁଲନଖରା,୨୧।୫:** ସମାଜସେବା ଓ ମାନବିକତାର ଏକ ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛି ସାମାଜିକ ସଂଗଠନ "ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା"। ପ୍ରତିଷ୍ଠାନ ପକ୍ଷରୁ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅନ୍ତର୍ଗତ ଚଷାପଡ଼ା ଅଞ୍ଚଳରେ ଏକ ସେବାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ଅସହାୟ ଓ ଦୁର୍ବଳ ଶ୍ରେଣୀର ମହିଳାମାନଙ୍କୁ ଶାଢ଼ି ଏବଂ କୁନିକୁନି ପିଲାମାନଙ୍କୁ ଛତା ବଣ୍ଟନ କରାଯାଇଥିଲା। ଏହି ସେବା କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦର ପରିବେଶ ସୃଷ୍ଟି ହୋଇଥିଲା। ପ୍ରତିଷ୍ଠାନର ସଦସ୍ୟମାନେ ସମାଜର ଅବହେଳିତ ଓ ଦରିଦ୍ର ଲୋକଙ୍କ ପାଖରେ ପହଞ୍ଚି ସହଯୋଗର ହାତ ବଢ଼ାଇବା ସହିତ ସମାଜରେ ମାନବିକତାର ବାର୍ତ୍ତା ପ୍ରସାର କରିଥିଲେ। ଅନ୍ୟୁନ ୧୫ରୁ



ଅଧିକ ମହିଳାଙ୍କୁ ଶାଢ଼ି ପ୍ରଦାନ କରାଯାଇଥିବା ବେଳେ କୁନିକୁନି ଶିଶୁମାନଙ୍କୁ ବର୍ଷା ଋତୁକୁ ଦୃଷ୍ଟିରେ ରଖି ଛତା ବଣ୍ଟନ କରାଯାଇଥିଲା। ଏହି ମାନବିକ କାର୍ଯ୍ୟକ୍ରମରେ ପ୍ରତିଷ୍ଠାନର ସଭାପତି ତଥା ବରିଷ୍ଠ ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ମହାନ୍ତି, ସମ୍ପାଦିକା ଓ ସାହିତ୍ୟିକା ସରୋଜ ନଳିନୀ ପରିଡ଼ା, ବିଶିଷ୍ଟ ସମାଜସେବୀ ତଥା ଗବେଷକ ପ୍ରାଧ୍ୟାପକ ଡ. ସେକ୍ କଲିମୁଲ୍ଲା, ଆଦର୍ଶ ନାରୀ ପ୍ରତିଭା ପଦ୍ମିନୀ ମହାନ୍ତି, ଶିଳ୍ପୀ ଉପେନ୍ଦ୍ର ବାରିକ, ସୁକାନ୍ତ କୁମାର ସାହୁ, କଳ୍ପନା ବିଶ୍ୱାଳ ପ୍ରମୁଖ ଯୋଗଦେଇ ସେବା କାର୍ଯ୍ୟକୁ ସଫଳ କରିଥିଲେ। ଉପସ୍ଥିତ ଅତିଥିମାନେ ସମାଜରେ ଏପରି ସେବାମୂଳକ ପଦକ୍ଷେପର ଆବଶ୍ୟକତା ଉପରେ ମତ ପ୍ରକାଶ କରିଥିଲେ। ଆଜିର ସମୟରେ ସମାଜର ଦୁର୍ବଳ ଶ୍ରେଣୀଙ୍କ ପାଖରେ ଠିଆହେବା ହିଁ ପ୍ରକୃତ ସମାଜସେବା ବୋଲି ସେମାନେ କହିଥିଲେ। ଏହା ସହିତ ଯୁବପିଢ଼ୀଙ୍କୁ ମଧ୍ୟ ସମାଜସେବା ପ୍ରତି ଆଗ୍ରହୀ ହେବାକୁ ଆହ୍ୱାନ ଦିଆଯାଇଥିଲା। ପ୍ରତିଷ୍ଠାନର ମୁଖ୍ୟ ନାରାୟଣ ଚନ୍ଦ୍ର ମହାନ୍ତି କହିଥିଲେ ଯେ, ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ସଦା ସର୍ବଦା ଜନସେବାମୂଳକ କାର୍ଯ୍ୟରେ ନିଜକୁ ସମର୍ପିତ କରିଆସୁଛି ଏବଂ ଆଗାମୀ ଦିନରେ ମଧ୍ୟ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ସାମାଜିକ ଓ ସେବାଧର୍ମୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସମାଜର ପ୍ରତ୍ୟେକ ଅବହେଳିତ ଓ ଆବଶ୍ୟକତାର୍ଥୀ ଲୋକଙ୍କ ପାଖରେ ପହଞ୍ଚି ସହଯୋଗ କରିବା ପ୍ରତିଷ୍ଠାନର ପ୍ରମୁଖ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ। ଏହି ସେବା କାର୍ଯ୍ୟକ୍ରମକୁ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ସାଧାରଣ ଲୋକମାନେ ଭୁରିଭୁରି ପ୍ରଶଂସା କରିଥିଲେ।

# +୨ ପରୀକ୍ଷାରେ ରାୟଗଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଗୌରବମୟ ସଫଳତା

**ରାୟଗଡ଼ା,୨୧।୫ :** ଚଳିତ ବର୍ଷ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶିତ +୨ ପରୀକ୍ଷା ଫଳାଫଳରେ ରାୟଗଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାୟଗଡା ଉଲ୍ଲେଖନୀୟ ସଫଳତା ହାସଲ କରିଛି। କଳା, ବିଜ୍ଞାନ ଓ ବାଣିଜ୍ୟ - ତିନୋଟି ବିଭାଗରେ ଛାତ୍ରଛାତ୍ରୀମାନେ ଉତ୍କୃଷ୍ଟ ପରିଣାମ କରି କଲେଜର ସୁନାମକୁ ଆହୁରି ଉଚ୍ଚ କରିଛନ୍ତି। କଳା ବିଭାଗରେ ୨୯୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୩ ଜଣ ଉତ୍ତୀର୍ଣ୍ଣ ହୋଇ ୮୧.୮୧ ପ୍ରତିଶତ ଫଳାଫଳ ହାସଲ କରିଛନ୍ତି। ବିଜ୍ଞାନ ବିଭାଗରେ ୨୮୬ ଜଣ ମଧ୍ୟରୁ ୧୮୨ ଜଣ ଉତ୍ତୀର୍ଣ୍ଣ ହୋଇ ୬୩.୬୩ ପ୍ରତିଶତ ଫଳାଫଳ ହୋଇଥିବା ବେଳେ ବାଣିଜ୍ୟ ବିଭାଗରେ ୨୮୧ ଜଣ ମଧ୍ୟରୁ ୨୩୦ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ୮୧.୮୫ ପ୍ରତିଶତ ଫଳାଫଳ ହାସଲ କରିଛନ୍ତି। ପ୍ରଥମ ଶ୍ରେଣୀରେ କଳା ବିଭାଗରୁ ୫୫ ଜଣ, ବିଜ୍ଞାନ ବିଭାଗରୁ ୭୪ ଜଣ ଏବଂ ବାଣିଜ୍ୟ ବିଭାଗରୁ ୪୮ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ସେହିପରି କଳା ବିଭାଗରୁ ୬୮ ଜଣ, ବିଜ୍ଞାନ ବିଭାଗରୁ ୫୭ ଜଣ ଏବଂ ବାଣିଜ୍ୟ ବିଭାଗରୁ ୫୯ ଜଣ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। କଳା ବିଭାଗରେ ସ୍ନେହା ସ୍ନେତି ନାୟକ ୫୨୯ ମାର୍କ ରଖି ୮୮.୧୬ ପ୍ରତିଶତ ସହ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ବିଜ୍ଞାନ ବିଭାଗରେ ନିତୁ ନାୟକ ୫୩୧ ମାର୍କ ରଖି ୮୯ ପ୍ରତିଶତ ନମ୍ବର ସହ ଟପ୍ପର ହୋଇଛନ୍ତି। ସେହିପରି ବାଣିଜ୍ୟ ବିଭାଗରେ ପାଇଡିଚେଟି କାଭ୍ୟା ୫୩୪ ମାର୍କ ରଖି ୮୯ ପ୍ରତିଶତ ସହ ସର୍ବାଧିକ ସଫଳତା ହାସଲ କରିଛନ୍ତି। କଲେଜର ଅଧ୍ୟକ୍ଷ ଏହି ସଫଳତା ପାଇଁ ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ ଓ ଅଧ୍ୟାପକ-ଅଧ୍ୟାପିକାମାନଙ୍କୁ ଅଭିନନ୍ଦନ ଜଣାଇଥିବା ସହ ଛାତ୍ରଛାତ୍ରୀଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଓ ଶିକ୍ଷକମାନଙ୍କ ନିରନ୍ତର ପରାମର୍ଶ ଫଳରେ ଏହି ସଫଳତା ସମ୍ଭବ ହୋଇପାରିଛି ବୋଲି କହିଛନ୍ତି। କଲେଜର ଏହି ସଫଳତା ସମଗ୍ର ରାୟଗଡା ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଛି।

## ପୁଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

**କେନ୍ଦ୍ରାପଡା,୨୧।୫ :** କେନ୍ଦ୍ରାପଡା ଜିଲ୍ଲାରେ ଆଇନ ଶୃଙ୍ଖଳା ପରିଚାଳନା, ପ୍ରଶାସନିକ ସମନ୍ୱୟ ଏବଂ ଲୋକଙ୍କ ସେବା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଗତକାଲି ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ରେ ପୁଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଅତ୍ୟାଚାର ଜନିତ ମାମଲାର ଶୀଘ୍ର ନିଷ୍ପତ୍ତି, ବ୍ଲକ ସ୍ତରରେ ନିୟମିତ ମିଳିତ ସମୀକ୍ଷା ବୈଠକ, ଅବୈଧ ଖଣିଜ ଚୋରି ବିରୋଧରେ ମିଳିତ ଚଢ଼ାଉ, ଏବଂ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିର ସୁଚାରୁ ପରିଚାଳନା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

# ଯୁବ ସାମ୍ବାଦିକ ଶୁଭଙ୍କର ପିରିଙ୍କ ସ୍ମୃତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




**ବାଲେଶ୍ୱର,୨୧।୫:** ଯୁବ ସାମ୍ବାଦିକ ସ୍ୱର୍ଗତ ଶୁଭଙ୍କର ପିରି(ଗୁଡୁ)ଙ୍କ ୨୦ତମ ଜନ୍ମଦିନ ସ୍ମୃତି ଅବସରରେ ଈଶ୍ୱର କୃପା ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଜିଲ୍ଲା ରକ୍ତଭଣ୍ଡାର ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ଶିବିରକୁ ମୁଖ୍ୟ ଅତିଥି ଭାବେ ଓଡିଶା ସାମ୍ବାଦିକ ୟୁନିଅନର ସଭାପତି ଗଙ୍ଗାଧର ରାଉତ ଫିତା କାଟି ଉଦଘାଟନ କରିଥିଲେ। ସେ ରକ୍ତଦାନକୁ ମହାନ ସେବା ବୋଲି କହିବା ସହ ଯୁବପିଢ଼ୀଙ୍କୁ ଏଭଳି ସାମାଜିକ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସମାଜସେବୀ ସଲିମ ରାଜା, ସାମ୍ବାଦିକ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା ଓ ଯୁବ ସଂଗଠକ ବିକାଶ ପାଢୀ, ମଞ୍ଜୁଲତା ଦାସ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଟ୍ରଷ୍ଟର ମୁଖ୍ୟ ଟ୍ରଷ୍ଟି ସାମ୍ବାଦିକ ଲୋକନାଥ ପିରି, ସଭାପତି ସରୋଜ କୁମାର ସାହୁ, ସଂପାଦିକା ଅମିତା ପିରି, ସଦସ୍ୟ ଶକ୍ତି କୁମାର ଦାସ, ହରିଶ ମହାନ୍ତି, ମମତା ପାଲ, ସାମ୍ବାଦିକ ସୋମନାଥ ସାହୁ ଓ ପ୍ରିତିଲତା ପିରି ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଜିଲ୍ଲା ରକ୍ତଭଣ୍ଡାରର ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ଓ ତାଙ୍କ ଟିମ୍ ଶିବିରରୁ ମୋଟ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ସମାଜ ପାଇଁ ଏହି ମହତ୍ ପ୍ରୟାସକୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି।

# ନାରାୟଣୀ ଯୁବ ପରିଷଦର ନିର୍ବାଚନ ଓ ନୂତନ ଟିମକୁ ଅଭିନନ୍ଦନ

**ଫୁଲନଖରା,୨୧।୫:** ଖଲର୍ଦ୍ଦା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନାରଙ୍ଗପଡ଼ା ଗ୍ରାମରେ ଅବସ୍ଥିତ "ନାରାୟଣୀ ଯୁବ ପରିଷଦ" ପକ୍ଷରୁ ତିନି ବର୍ଷ ପାଇଁ ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନ ଉତ୍ସାହ ଓ ଆନନ୍ଦର ସହ ଅନୁଷ୍ଠିତ ହୋଇଯାଇଛି । ଗ୍ରାମର ଯୁବଶକ୍ତିଙ୍କ ସମନ୍ୱୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂତନ କାର୍ଯ୍ୟକାରିଣୀ ସଦସ୍ୟମାନେ ଶପଥ ଗ୍ରହଣ କରି ସଂଘର ଉନ୍ନତି ଓ ସମାଜସେବା ପାଇଁ ସଦା କାର୍ଯ୍ୟ କରିବାର ସଂକଳ୍ପ ନେଇଥିଲେ। ଏହି ଅବସରରେ ସଂଘର ସଦସ୍ୟମାନଙ୍କ ମଧ୍ୟରେ ଭାରି ଉତ୍ସାହ ଦେଖିବାକୁ ମିଳିଥିଲା। ବିଶେଷ କରି ସଂଘର ନିଜସ୍ୱ ଘର ପୂର୍ଣ୍ଣାଙ୍ଗ ଭାବେ ନିର୍ମାଣ ହୋଇ କାର୍ଯ୍ୟକ୍ଷମ ହୋଇଥିବାରୁ ସମସ୍ତ ସଦସ୍ୟ ଆନନ୍ଦ ପ୍ରକାଶ କରିଥିଲେ। ଦୀର୍ଘଦିନର ସ୍ୱପ୍ନ ପୂରଣ ହେବା ସହ ଏହି ଘର ଆଗାମୀ ଦିନରେ ସଂଘର ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ଯୁବ କଲ୍ୟାଣ କାର୍ଯ୍ୟକ୍ରମର କେନ୍ଦ୍ରସ୍ଥଳୀ ହେବ ବୋଲି ସଦସ୍ୟମାନେ ମତ ପ୍ରକାଶ କରିଥିଲେ। ନୂତନ କାର୍ଯ୍ୟକାରିଣୀରେ ସଭାପତି ଭାବେ ରବିନ୍ଦ୍ର ବେହେରା, ଉପସଭାପତି ଭାବେ କାର୍ତ୍ତୀକ ମୁଦୁଲି, ସମ୍ପାଦକ ଭାବେ ଗଣେଶ୍ୱର



ପୃଷ୍ଟି, ସହକାରୀ ସମ୍ପାଦକ ଭାବେ ସରୋଜ କୁମାର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ତ୍ରିଲୋଚନ ମୁଦୁଲି ନିର୍ବାଚିତ ହୋଇଥିଲେ। ନୂତନ ଦାୟିତ୍ୱ ଗ୍ରହଣ କରିଥିବା ସମସ୍ତ କର୍ମକର୍ତ୍ତା ଗ୍ରାମର ଯୁବକମାନଙ୍କୁ ଏକତ୍ର କରି ସମାଜହିତକର କାର୍ଯ୍ୟକ୍ରମକୁ ଆଗକୁ ନେବାର ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା କବି ନାରାୟଣ ଜେନା, ଅଶୋକ କୁମାର ପୃଷ୍ଟି, ବିଶିଷ୍ଟ ସମାଜସେବୀ ଉପେନ୍ଦ୍ର ସାହୁ, ଉମେଶ ନାୟକ ପ୍ରମୁଖ ଯୋଗଦେଇ ନୂତନ କାର୍ଯ୍ୟକାରିଣୀଙ୍କୁ ଶୁଭେଚ୍ଛା ଓ ପରାମର୍ଶ ପ୍ରଦାନ କରିଥିଲେ। ସେମାନେ କହିଥିଲେ ଯେ, ଯୁବ ସମାଜ ଯଦି ସଂଗଠିତ ହୁଏ, ତେବେ ଗ୍ରାମର ସର୍ବାଙ୍ଗୀଣ ଉନ୍ନତି ସମ୍ଭବ। ଯୁବମାନଙ୍କ ମଧ୍ୟରେ ସାମାଜିକ ଦାୟିତ୍ୱବୋଧ, ସଂସ୍କୃତି ପ୍ରତି ଆଗ୍ରହ ଓ ସେବାଭାବ ଜାଗ୍ରତ କରିବାରେ ଏପରି ସଂଗଠନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସଭାରେ ଗ୍ରାମର ବିଭିନ୍ନ ସମସ୍ୟା, ଯୁବପିଢ଼ୀଙ୍କ ଭୂମିକା ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ଦିନରେ ରକ୍ତଦାନ ଶିବିର, ସ୍ୱଚ୍ଛତା ଅଭିଯାନ, କ୍ରୀଡ଼ା ପ୍ରତିଯୋଗିତା, ସାହିତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଗରିବ ଓ ଅସହାୟ ଲୋକଙ୍କ ପାଇଁ ସେବାମୂଳକ କାର୍ଯ୍ୟ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଶେଷରେ ସଂଘର ସମସ୍ତ ସଦସ୍ୟ ନୂତନ କର୍ମକର୍ତ୍ତାମାନଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ସମଗ୍ର କାର୍ଯ୍ୟକ୍ରମଟି ଉତ୍ସାହ, ଏକତା ଓ ସମାଜସେବାର ମନୋଭାବରେ ପରିପୂର୍ଣ୍ଣ ଥିବାରୁ ଅଞ୍ଚଳରେ ବେଶ ପ୍ରଶଂସା ଲାଭ କରିଥିଲା।

# ଆର୍ସେନାଲ ମିତ୍ତଲ ଆଣ୍ଡ ନିପ୍ପନ ଷ୍ଟିଲ କର୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟଧାରା ବିରୋଧରେ ଗଣଧାରଣା



**ବଣାଇ,୨୧।୫:** କୋଇଡା ଖଣି ମଣ୍ଡଳ ଅନ୍ତର୍ଗତ ଘୋଡାବୁରାଣୀ ସେଗାସାହି ଲୌହ ଖଣି ଗେଟ ସମ୍ମୁଖ ରେ ଆର୍ସେନାଲ ମିତ୍ତଲ ଆଣ୍ଡ ନିପ୍ପନ ଷ୍ଟିଲ କମ୍ପାନୀ କର୍ତୃପକ୍ଷ ଙ୍କ ମନମୁଖୀ କାର୍ଯ୍ୟକଳାପ କୁ ବିରୋଧ କରି ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଙ୍କ ନେତୃତ୍ୱ ରେ ଶତାଧିକ ଗ୍ରାମବାସୀ ଏବଂ ସିଆଇଟିୟୁ କର୍ମୀ ବିକ୍ଷୋଭ ଓ ଗଣ ଧାରଣା ଜାରୀ ରଖିଛନ୍ତି ଓ ଏହି ଧାରଣା ରେ ରେ ମିତ୍ତଲ ଖଣି ସଂଲଗ୍ନ ସେଗାସାହି, କାଂହୁସାହି ଏବଂ କଳମଙ୍ଗ ଗ୍ରାମ ର ଶତାଧିକ ଶ୍ରମିକ ଏବଂ ଗ୍ରାମବାସୀ ଯୋଗଦାନ କରିଥିଲେ। ସିଆଇଟିୟୁ ର ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା , ସମାଜ ସେବୀ ଡକ୍ଟର ବାଦଲ ବାରିକ, କେସି ବାରିକ ଅଶୋକ ସାମଲ ଦଶରୁ ନାଏକ ଏବଂ ସିଆଇଟିୟୁର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ । ସୂଚନା ଥାଉ କି ଗତ ୨୦୨୪ ମସିହା ଅକ୍ଟୋବର ୩୦ ତାରିଖ ଦିନ ଜିଲ୍ଲା ପ୍ରଶାସନ ଉପସ୍ଥିତି ରେ ଆର୍ସେଲର ମିତ୍ତଲ ଆଣ୍ଡ ନିପ୍ପନ ଷ୍ଟିଲ ଖଣି କର୍ତ୍ତୃପକ୍ଷ ଏବଂ ଗ୍ରାମବାସୀ ଙ୍କ ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିଲା । କିନ୍ତୁ ଖଣି କର୍ତୃପକ୍ଷ ଦୀର୍ଘ ଏକ ବର୍ଷ ବିତି ଯାଇଥିଲେ ମଧ୍ୟ ଚୁକ୍ତିନାମା ଅନୁଯାଇ କୌଣସି ଦାବୀ ପୂରଣ ହୋଇ ନଥିବାରୁ ବାଧ୍ୟ ହୋଇ ଏହି ଧାରଣା ରେ ବସିଥିବା ଅଭିଯୋଗ ଆଣିଛନ୍ତି ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା । ଆଜି ହୋଇଥିବା ଗଣ ଧାରଣା ର ପ୍ରମୁଖ ଦାବୀ ଗୁଡିକ ହେଲା ୨୦୨୪ ମସିହା ରେ ହୋଇଥିବା ଚୁକ୍ତିନାମା କୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା, ସ୍ଥାନୀୟ ବେକାର ଯୁବକ ଯୁବତୀ ମାନଂକୁ ନିଯୁକ୍ତି ପ୍ରଦାନ, ଖଣି ପ୍ରଭାବିତ ଗ୍ରାମ ଗୁଡିକ ରେ ପାନୀୟ ଜଳର ବେବସ୍ଥା ଯଥାଶୀଘ୍ର ମେଡିକାଲ ଏବଂ ସ୍କୁଲ ନିର୍ମାଣ,କୋଇଡା ରୁ କଳମଙ୍ଗ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ସମ୍ପୂର୍ଣ କରିବା, ଖଣି ସଂଲଗ୍ନ ଗ୍ରାମ ଗୁଡିକ ରେ ସୋଲାର ଲାଇଟ ବ୍ୱେସ୍ଥା ଓ ଏହି ଦାବୀ ଗୁଡିକୁ ଖଣି କର୍ତୃପକ୍ଷ ପୂରଣ ନ କଲେ ଆଗାମୀ ଦିନ ରେ ଖଣି ଉତ୍ତୋଳନ ଓ ପରିବହନ କାର୍ଯ୍ୟ କୁ ସମ୍ପୂର୍ଣ ରୂପେ ଠପ କରାଯିବା ସହିତ ପାଇପ ଲାଇନ ଯୋଗେ ମାଲ ପରିବହନ କାର୍ଯ୍ୟ କୁ ସମ୍ପୂର୍ଣ ରୂପେ ବିରୋଧ କରାଯିବା ନେଇ ବଣାଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଚେତାବନୀ ଦେଇଛନ୍ତି । ଆଇନ ଶୃଙ୍ଖଳା କୁ ଦୃଷ୍ଟି ରେ ରଖି କୋଇଡା ଥାନା ଅଧିକାରୀ ରାଜେନ୍ଦ୍ର ବିଶ୍ୱାଳ ଙ୍କ ନେତୃତ୍ୱ ରେ ପୋଲିସ ବାହିନୀ ମୃତୟନ ଥିଲେ । ମିତ୍ତଲ ଖଣି କର୍ତୃପକ୍ଷ ଙ୍କ ମନମୁଖୀ କାର୍ଯ୍ୟାଧାରା କୁ ଅଂଚଳ ବାସୀ ନାପସନ୍ଦ କରିଥିବା ବେଳେ ଏଥିପାଇଁ ଆଗାମୀ ଦିନରେ କୌଣସି ଅପ୍ରିତିକର ଘଟଣା ପାଇଁ ସରକାର ଦାୟୀ ରହିବେ ବୋଲି ବୁଦ୍ଧିଜୀବୀ ମହଲ ରେ ମତପ୍ରକାଶ ପାଇଛି ।

# ଅରଡ଼ବଜାରରେ ଜବରଦଖଲ ଉପରେ ପ୍ରଶାସନର ଚଢ଼ଉ



**ବାଲେଶ୍ୱର,୨୧।୫:** ବାଲେଶ୍ୱର ସହରର ଅରଡ଼ବଜାର ଅଞ୍ଚଳରେ ବୁଧବାର ପ୍ରଶାସନ ପକ୍ଷରୁ ବ୍ୟାପକ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଥିଲା। ସରକାରୀ ଜମି ଉପରେ ଦୀର୍ଘଦିନ ଧରି ହୋଇଥିବା ଜବରଦଖଲକୁ ହଟାଇବା ପାଇଁ ପୌରପାଳିକା ଓ ଜିଲ୍ଲା ପ୍ରଶାସନର ସଂଯୁକ୍ତ ପଦକ୍ଷେପରେ ବୁଲଡୋଜର ଚଳାଇ ପକ୍କା ଘର, ଦୋକାନ ଓ ବାଉଣ୍ଡରୀ ୱାଲ ଭଙ୍ଗାଯାଇଛି। ଅରଡ଼ବଜାର ରାସ୍ତା ପାର୍ଶ୍ୱରେ ଥିବା ସରକାରୀ ସ୍ଥାନକୁ ଅନେକ ବ୍ୟକ୍ତି ବର୍ଷୋଧିକ ଧରି ଜବରଦଖଲ କରି ଘର ଓ ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ି ରହିଆସୁଥିଲେ। ଫଳରେ ସେଠାରେ ଅତ୍ୟଧିକ ଜନଗହଳି ସୃଷ୍ଟି ହେଉଥିବା ସହ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ସମସ୍ୟା ମଧ୍ୟ ଦେଖାଦେଉଥିଲା। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପୂର୍ବରୁ ଜବରଦଖଲକାରୀଙ୍କୁ ସ୍ଥାନ ଛାଡ଼ିବାକୁ ନୋଟିସ ଜାରି କରିଥିଲେ। କିନ୍ତୁ ନୋଟିସ ସତ୍ତ୍ୱେ ଅଧିକାଂଶ ଲୋକ ସ୍ଥାନ ଖାଲି କରିନଥିବାରୁ ଶେଷରେ କଠୋର ପଦକ୍ଷେପ ନିଆଯାଇଥିଲା।ପ୍ରଶାସନ ପକ୍ଷରୁ ଉକ୍ତ ଅଞ୍ଚଳରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାର ଧାରା ୧୬୩ ଜାରି କରାଯାଇ ଆନନ୍ଦବଜାର ଶନିମନ୍ଦିରଠାରୁ ନୁଣିଆଯୋଡ଼ି ପୋଲ ପର୍ଯ୍ୟନ୍ତ ଅଞ୍ଚଳରେ ଉଚ୍ଛେଦ କାର୍ଯ୍ୟ କରାଯାଇଥିଲା। ଏହି ଅଭିଯାନରେ ମୋଟ ୨୨୬ଟି ଜବରଦଖଲ ନିର୍ମାଣକୁ ହଟାଯାଇଥିଲା। ସେଥିରେ ୯୯ଟି ପକ୍କା ଘର, ୧୦୯ଟି ଦୋକାନ ଘର ଓ ୧୧ଟି ବାଉଣ୍ଡରୀ ୱାଲ ସମ୍ମିଳିତ ଥିଲା। ବାଲେଶ୍ୱର ଉପଜିଲ୍ଲାପାଳ ଶିବ ମାଲବ୍ୟଙ୍କ ତତ୍ତ୍ୱାବଧାନରେ ଉଚ୍ଛେଦ କାର୍ଯ୍ୟ ସଂପନ୍ନ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ହେମନ୍ତ କୁମାର ସିଂହ ମଧ୍ୟ ଉପସ୍ଥିତ ଥିଲେ। ମାଜିଷ୍ଟ୍ରେଟ ଓ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ମିଶାଇ ପ୍ରାୟ ୧୮ ଜଣ ଅଧିକାରୀ ଏହି ଅଭିଯାନରେ ନିୟୋଜିତ ଥିଲେ। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ୩ ଜଣ ଅତିରିକ୍ତ ଏସପି, ୫ ଜଣ ଡିଏସପି, ୬ ଜଣ ଇନ୍ସପେକ୍ଟର, ୨୦ ଜଣ ଏସଆଇ ଓ ଏଏସଆଇ ସହ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ପ୍ରଶାସନର ଏହି ପଦକ୍ଷେପ ପରେ ଅଞ୍ଚଳରେ ଜନଚଳାଚଳ ଓ ଯାତାୟାତ ବ୍ୟବସ୍ଥା ସୁଚାରୁ ହେବ ବୋଲି ସ୍ଥାନୀୟ ଲୋକମାନେ ଆଶା ପ୍ରକାଶ କରିଛନ୍ତି।

# ଯୁବକଙ୍କୁ ଭୁଜାଲି ଆକ୍ରମଣ ୩ ଅଭିଯୁକ୍ତ ଅଟକ

## ଉତ୍ତେଜନାରେ ଏନଏଚ୍-୧୬



**ବାଲେଶ୍ୱର,୨୧।୫:** ବସ୍ତା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ଜୁଣବଳଦା ଛକ ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଭୁଜାଲିରେ ଆକ୍ରମଣ କରାଯାଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗୁରୁତର ଆହତ ଯୁବକଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣାରେ ପୋଲିସ ୩ ଜଣଙ୍କୁ ଅଟକ ରଖି ପଚରାଉଚରା ଚାଲାଇଛି ।ଆହତ ଯୁବକ ହେଲେ ଜୁଣବଳଦା ଗ୍ରାମର କମଳାକାନ୍ତ ମଲ୍ଲିକଙ୍କ ପୁଅ ସଂଜିତ ମଲ୍ଲିକ (୨୪)। ସୂଚନା ଅନୁସାରେ, ସନ୍ଧ୍ୟା ପ୍ରାୟ ୭ଟା ସମୟରେ ସଂଜିତଙ୍କ ସହ ସ୍ଥାନୀୟ କିଛି ଯୁବକଙ୍କର ପ୍ରଥମେ କଥାକଟାକଟି ହୋଇଥିଲା। ପରେ ଏହା ଉତ୍ତେଜନାର ରୂପ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଭୁଜାଲିରେ ସଂଜିତଙ୍କ ଛାତି, ପେଟ, ହାତ ଓ ମୁଣ୍ଡରେ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ଅଭିଯୁକ୍ତମାନେ ସ୍ଥଳ ଛାଡ଼ି ପଳାଇଯାଇଥିଲେ ।ସ୍ଥାନୀୟ ଲୋକେ ସଂଜିତଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ସେହିସହିତ ବସ୍ତା ପୋଲିସକୁ ଖବର ଦିଆଯାଇଥିଲା ।ଘଟଣାରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୩ ଜଣଙ୍କୁ ଅଟକ ରଖିଛି। ଅଟକ ଅଭିଯୁକ୍ତମାନଙ୍କ ମଧ୍ୟରେ ଶିଖରପୁର ଅଞ୍ଚଳର ବାପି ଓରଫ ଚିତ୍ତରଞ୍ଜନ ପ୍ରଧାନ ଓ ପଦିମା ଗ୍ରାମର ଅନିକେତ ପାତ୍ରଙ୍କ ନାମ ସାମ୍ନାକୁ ଆସିଥିବା ବେଳେ ଅନ୍ୟ ଜଣଙ୍କ ପରିଚୟ ମିଳିପାରିନାହିଁ। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ଏପରିକି ଘଟଣା ପରେ ଜାତୀୟ ରାଜପଥରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଦୀର୍ଘ ସମୟ ଧରି ହଜାର ହଜାର ଗାଡ଼ି ଅଟକି ରହିଥିବା ଦେଖାଯାଇଥିଲା।

# ପୂର୍ବତନ ସରପଞ୍ଚ ଅନିରୁଦ୍ଧ ରାଉଳଙ୍କ ପରଲୋକ



**ଫୁଲନଖରା,୨୧।୫:** କଟକ ସଦର ବ୍ଲକ୍ ଅନ୍ତର୍ଗତ ପରମହଂସ ପଞ୍ଚାୟତ ଉପକଣ୍ଠ ସଫିପୁର ଗ୍ରାମର ନିବାସୀ, ପରମହଂସ ପଞ୍ଚାୟତର ପୂର୍ବତନ ସରପଞ୍ଚ, ବିଶିଷ୍ଟ ସମାଜସେବୀ ଏବଂ କଳା-ସଂସ୍କୃତିର ଅନୁରାଗୀ ଅନିରୁଦ୍ଧ ରାଉଳଙ୍କର ୫୯ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କ ଅକାଳ ବିୟୋଗରେ ପରମହଂସ ପଞ୍ଚାୟତ ସହ ସମଗ୍ର କଟକ ସଦର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ରାଉଳ ଜଣେ ଜନପ୍ରିୟ ଜନନେତା, ନିଷ୍ଠାବାନ ସମାଜସେବୀ ଓ କଳାପ୍ରେମୀ ଭାବେ ସାଧାରଣ ଲୋକଙ୍କ ମନରେ ସ୍ଥାୟୀ ସ୍ଥାନ ଅଧିକାର କରିଥିଲେ। ସରପଞ୍ଚ ଭାବେ କାର୍ଯ୍ୟକାଳ ଦରମିଆନ ସେ ପଞ୍ଚାୟତର ଉନ୍ନତି ଓ ଲୋକସେବାରେ ଅନେକ ସ୍ମରଣୀୟ କାର୍ଯ୍ୟ କରିଥିଲେ। ସମାଜର ସମସ୍ତ ଶ୍ରେଣୀର ଲୋକଙ୍କ ସହ ସେ ଆତ୍ମୀୟ ସମ୍ପର୍କ ରଖିଥିଲେ। ତାଙ୍କ ବିୟୋଗ ସମ୍ବାଦ ପାଇ ବିଭିନ୍ନ ସାମାଜିକ, ରାଜନୈତିକ ଓ ସାହିତ୍ୟ-ସଂସ୍କୃତି ମହଲର ବହୁ ଗଣ୍ୟମାନ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକ ପ୍ରକାଶ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଓଡ଼ିଶା ରାଷ୍ଟ୍ରବାଦୀ ସଂଘର ସଭାପତି ତଥା ଯୁବ ସମାଜସେବୀ ଓ ଗବେଷକ ଇଂ. ଗିରିଜା ଶଙ୍କର ପତି, ଭାରତୀୟ କିସାନ ସଂଘର ରାଜ୍ୟ ସମ୍ପାଦକ ଏବଂ ପରିବେଶବିତ୍ ଦେବୀପ୍ରସାଦ ପତି, ବିଜେପି କଟକ ନଗର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ନିର୍ମଳ ଦାସ, ଜିଲ୍ଲା ସଂଯୋଜକ ସତ୍ୟନାରାୟଣ ମହାନ୍ତି, ବରିଷ୍ଠ ସାମ୍ବାଦିକ ଅନିଲ ଦାସ, କବି ପ୍ରତାପ ବେହେରା, ନାଟ୍ୟକାର ଅଶୋକ ପଟ୍ଟନାୟକ, ଯୁବ ନେତା ରଞ୍ଜିତ ମଲିକ, ପୀୟୁଷ ପରିଡ଼ା, ଗୋକୁଳ ଚନ୍ଦ୍ର ପ୍ରଧାନ, ଯୁବରାଜ ପଣ୍ଡା, ପୂର୍ବତନ ସୈନିକ ବିଶ୍ୱରଞ୍ଜନ ଜେନା, ପଣ୍ଡିତ ତ୍ରିଲୋଚନ ପତି, ବୈଜ୍ଞାନିକ ଲଲାଟ କିଶୋର ଚୌଧୁରୀ, ଗୋସେବକ ସଚ୍ଚିକାନ୍ତ ବେଉରା, ତାପସ କୁମାର ମହାପାତ୍ର, ଅନିଲ କୁମାର ମହାପାତ୍ର, ସଞ୍ଜୟ ସାହୁ, ନିରଞ୍ଜନ ଆଚାର୍ଯ୍ୟ, ରବୀନ୍ଦ୍ର ପାତ୍ର, ସଞ୍ଜିତ ଦାସ, ଚିନ୍ମୟ ମହାପାତ୍ର, ସୁରେଶ ସାହୁ, ପ୍ରହଲ୍ଲାଦ ସାହୁ, ସୁନୀଲ ସାହୁ, ଅମୀୟ ରଞ୍ଜନ ଦାସ, ସୁଭାଶିଷ ପଣ୍ଡା ଏବଂ ଅଲେଖ ରାଉତ ପ୍ରମୁଖ ଅଛନ୍ତି। ସମସ୍ତେ ସ୍ୱର୍ଗତ ଅନିରୁଦ୍ଧ ରାଉଳଙ୍କୁ ଜଣେ ସରଳ, ମିଷ୍ଟଭାଷୀ, ପରୋପକାରୀ ଓ ଜନସେବା ପ୍ରତି ସମର୍ପିତ ବ୍ୟକ୍ତିତ୍ୱ ଭାବେ ସ୍ମରଣ କରିଥିଲେ। ତାଙ୍କ ବିୟୋଗ ଅଞ୍ଚଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ମତ ପ୍ରକାଶ ପାଇଛି।

# ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଜିଲ୍ଲା ମହାପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ




**ବାଲେଶ୍ୱର,୨୧।୫:** ସ୍ଥାନୀୟ ନୋସି ବିଯିନେସ ପାର୍କ ରେ ଦୁଇଦିନ ଧରି ଚାଲିଥିବା ପଣ୍ଡିତ୍ ଦିନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ୨୦୨୬ ଉଦ୍‌ଯାପିତ ହୋଇ ଯାଇଛି । ଏହି ସମରୋପ ସତ୍ରକୁ ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ, ମୂଖ୍ୟ ଆକର୍ଷଣ ଭାବରେ ରାଜ୍ୟ ବିଜେପି ସଭାପତି ପୁର୍ବତନ ମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ମନମୋହନ୍ ସାମଲ ଉପସ୍ଥିତ ରହି ପ୍ରଶିକ୍ଷକ ଭାବରେ ଉପସ୍ଥିତ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ସ୍ୱରୂପ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ସମ୍ବନ୍ଧରେ ବାର୍ତ୍ତା ରଖିଥିଲେ, ଉଭାୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତା ବଖାଣିବା ସହ ବୁଥ ସ୍ତରରେ ଦଳ କିପରି ଆହୁରି ସୁଦୃଢ଼ ହେବ ସେ ବିଷୟରେ କହିଥିଲେ। ପୁର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ପ୍ରଶିକ୍ଷଣ ଦ୍ୱାରା ଜଣେ କାର୍ଯ୍ୟକର୍ତ୍ତା କିପରି ନିଜକୁ ଅଧିକ ମାର୍ଜିତ କରି ପାରିବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ । ଏହି ସମାରୋପ ସତ୍ରରେ ଜିଲ୍ଲା ପ୍ରଭାରୀ ଗୌତମ ରାୟ , ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସଦର ବିଧାୟକ ମାନସ ଦତ୍ତ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ରାଜ୍ୟ ଉପ ସଭାପତି ସିପ୍ରା ବାଜପେୟୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ପ୍ରଶିକ୍ଷଣ ବର୍ଗର ପ୍ରଭାରୀ ଆଶୁତୋଷ ପରିଡ଼ା, ସହ ପ୍ରଭାରୀ ତଥା ରାଜ୍ୟ ପ୍ରବକ୍ତା ହିତେଶ ମୋହାପତ୍ର, ଜିଲ୍ଲା ବର୍ଗ ପ୍ରମୁଖ ତଥା ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ର ଶେଖର ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସୁଷମା ରାଣୀ ବିଶ୍ୱାଳ,ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡା ମଞ୍ଚ ପରିଚାଳନା କରିଥିଲେ । ଆଜି ଅନୁଷ୍ଠିତ ସମସ୍ତ ୭ଗୋଟି ସତ୍ର କୁ ଜିଲ୍ଲା ସମ୍ପାଦକ ରାଜେଶ ମହାପାତ୍ର ଓ ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଶଶିକାନ୍ତ ମିଶ୍ର ପରିଚାଳନା କରିଥିଲେ ।ଅଂଶୁମାନ ସବୁଜ ମହନ୍ତ ବର୍ମା, ବିରଞ୍ଚି ନାରାୟଣ ତ୍ରିପାଠୀ, ଜ୍ୟୋତି ରଞ୍ଜନ ନାୟକ, ସୁଜାତା ସାବତ ପାତ୍ରୀ, ଆଶୁତୋସ ପରିଡା, ଧିରେନ ସେନାପତି ପ୍ରମୁଖ ସତ୍ର ରେ ପ୍ରଶିକ୍ଷଣ ଦେଇଥିବା ବେଳେ , କାର୍ତ୍ତିକ ଗିରି, ମୋହିତ ପୋଦ୍ଦାର, କମଳା ବିନ୍ଧାଣୀ, ଆଶିଷ ଘୋଷ, ଅଣୁ ମାଧବ ପଣ୍ଡା, ସୁଶାନ୍ତ ପଟ୍ଟନାୟକ ପ୍ରମୂଖ ସଭାପତିତ୍ୱ କରିଥିଲେ, ଏହି କାର୍ଯ୍ୟକ୍ରମରେ ଅନୁଷ୍ଠିତ ସାଧାରଣ ଜ୍ଞାନ ପ୍ରତିଯୋଗିତାକୁ ଜିଲ୍ଲା ଗଣମାଧମ ସଂଯୋଜକ ଶ୍ରୀନିବାସ ପ୍ରଧାନ ପରିଚାଳନା କରିଥିଲେ, ସହ ସଂଯୋଜକ ରଣଜିତ୍ ପୃଷ୍ଟି ଗଣମାଧମ ଓ ବଳରାମ ବିଶ୍ୱାଳ ଓ ସୁସ୍ମିତା ପଣ୍ଡା ସାମୂହିକ ସଙ୍ଗୀତ ପରିବେଷଣ ଦାୟିତ୍ୱ ସମ୍ପାଦନ କରିଥିଲେ, ଆଜି ସକାଳ ୬ ଘଟିକା ରେ ବିବେକାନନ୍ଦ ଯୋଗ ସଂସ୍ଥା ପକ୍ଷରୁ ଶିବିରାର୍ଥିଙ୍କୁ ଯୋଗ ପ୍ରଶିକ୍ଷଣ ଦିଆ ଯାଇଥିଲା କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ୱର ଝଂକାର ସେଠୀ, ସୁରଜ୍ ବିଶାଳ ସ୍ୱାଧୀନ ପଣ୍ଡା, ପବନ କମିଲା,ସୁମନ୍ତ ମହାଳିକଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ ।

# ଦେଶୀ ମଦ ସହିତ ବିଅର ଜବତ, ୧୦ ଗିରଫ

**ବସ୍ତା,୨୧।୫:** ବାଲେଶ୍ୱର ଅବକାରୀ ଅଧିକ୍ଷକ ଶ୍ରୀ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ଭ୍ରାମ୍ୟମାଣ ସ୍କ୍ୱାର୍ଡ ନିରୀକ୍ଷକ ଶ୍ରୀ ହରିହର ସିଂ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବାଲେଶ୍ୱର ସଦର-୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଭବେଶ ଦାସ ଓ ବସ୍ତା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ଜଗନ୍ନାଥ ଭିତିରିଆ, ଏ.ପି.ଆର ଫୋର୍ସ ଓ ଅବକାରୀ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ବସ୍ତା ଥାନା ଅନ୍ତର୍ଗତ ଦରଡ଼ା, ଦାଣ୍ଡି ଓ ସିଙ୍ଗଲା ଥାନା ଅନ୍ତର୍ଗତ ମାଛରଙ୍କା, ଗିଲାଯୋଡ଼ି, ନାରକୁଦା ଓ ନାରାୟଣପାଟଣା ଏବଂ ବାଲିଆପାଳ ଥାନା ଅନ୍ତର୍ଗତ ବାଲିଆପାଳ ଗ୍ରାମରେ ଚଢ଼ାଉ କରାଯାଇ ୧୧୩୦ ଲିଟର ଦେଶୀ ମଦ ଓ ୪୦.୨୫୦ ଲିଟର ବିଅର ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୧୦ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଆସାମୀ ମାନେ ହେଲେ ଦରଡ଼ା ଗ୍ରାମର ରେଢ଼ା ମୁର୍ମୁ ଓ ତୁଳସୀମଣି ଗୋଛାୟତ, ଦାଣ୍ଡି ଗ୍ରାମର ସରସ୍ୱତୀ ପଣ୍ଡା, ମାଛରଙ୍କା ଗ୍ରାମର ସପନ କୁମାର ବେହେରା, ନାରାୟଣପାଟଣା ଗ୍ରାମର ବିକର୍ତ୍ତନ ପାତ୍ର, ଗିଲାଯୋଡ଼ି ଗ୍ରାମର ବିବାକାନନ୍ଦ ଜେନା, ନାରକୁଦା ଗ୍ରାମର ଅମରେନ୍ଦ୍ର ଦାସ, ବାଲିଆପାଳ ଗ୍ରାମର ସପନ କୁମାର ମଣ୍ଡଳ, ମିଳନ କୁମାର ମଣ୍ଡଳ ଓ ନିରୁପମା ମଣ୍ଡଳ । ଜବତ ଦେଶୀ ଓ ବିଅର ର ଆନୁମାନିକ ମୂଲ୍ୟ ୦୨ ଲକ୍ଷ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ଲମ୍ବୋଦର ମହନ୍ତ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ସେକ କରିମ, ସୁବୀରକାନ୍ତ ବେହେରା, ପଙ୍କଜ ମହାନ୍ତି, ନହାନ ମୁର୍ମୁ ପ୍ରଭୃତି ଷ୍ଟାଫ୍ ସାମିଲ ଥିଲେ । ଏନେଇ ଭ୍ରାମ୍ୟମାଣ ସ୍କ୍ୱାର୍ଡ ଓ ବସ୍ତା ଅବକାରୀ ଥାନା ପକ୍ଷରୁ ମୋଟ ୦୮ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇଛି ।



# ସଞ୍ଜୟ ନନ୍ଦଙ୍କ ଘର ଉପରକୁ ଗୁଳିମାଡ ଘଟଣା, ୩ ଗିରଫ






**ବଣାଇ,୨୧।୫:** ଗତ ୧୭ ତାରିଖ ରାତି ପ୍ରାୟ ୧ଟା ବେଳେ ସୁନ୍ଦରଗଡ ର ବିଶିଷ୍ଟ ବ୍ୟବସାୟୀ ସଞ୍ଜୟ ନନ୍ଦଙ୍କୁ ହତ୍ୟା ଧମକ ଏବଂ ଘରକୁ ଲକ୍ଷ୍ୟ କରି ଗୁଳି ଫୁଟାଇବା ଘଟଣା ପୁଲିସ ତିନି ଜଣ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହା ସହ ତାଙ୍କ ଠାରୁ ଗୋଟିଏ କାର, ବାଇକ, ଦେଶୀ ବନ୍ଧୁକ, ଫୁଟା ଗୁଳି, ଅଫୁଟା ଗୁଳି ଆଦି ଜବତ କରିଛି । ପୋଲିସ୍ ସୂଚନା ଅନୁସାରେ, ୧୬/ ୧୭ ମେ ରାତ୍ରି ପ୍ରାୟ ୧୨ଟା ସମୟରେ କିଛି ଅଜଣା ବ୍ୟକ୍ତି ଓଡ଼ି ୧୬ପି ୩୪୫୫ ନମ୍ବରର ଏକ କାରରେ ଆସି ମିଶନ ଛକ ପବିତ୍ର ନଗର ଅଞ୍ଚଳରେ ଥିବା ବିଶିଷ୍ଟ ବ୍ୟବସାୟୀ ସଞ୍ଜୟ ନନ୍ଦଙ୍କ ଘର ସମ୍ମୁଖରେ ପାଟି ତୁଣ୍ଡ ସୃଷ୍ଟି କରିବା ସହ ସୁରକ୍ଷାକର୍ମୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଳଜ କରିଥିଲେ । ତା ସହିତ ସଞ୍ଜୟ ନନ୍ଦଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। କିଛି ସମୟ ପରେ ସେମାନେ ସେଠାରୁ ପଳାଇ ଯାଇଥିଲେ। ଏହା ପରେ ରାତ୍ରି ପ୍ରାୟ ୧.୨୦ଟା ସମୟରେ ଏମଡି ରାହିଲ ନାମକ ବ୍ୟକ୍ତି ଗୋଟିଏ ମୋଟରସାଇକେଲ୍‌ରେ ପୁନର୍ବାର ଆସି ଗାଳି ଗୁଲଜ କରିବା ପରେ ସେ ଘର ପେଟକୁ ଗୋଟିଏ ରାଉଣ୍ଡ ଗୁଳି ଫୁଟାଇ ଥିଲେ । ଏପରି ଆତଙ୍କ ସୃଷ୍ଟି କରିବା ପରେ ସେଠାରୁ ଫେରାର ହୋଇଯାଇଥିଲେ।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ

# ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ନେଇ ଗୁରୁତ୍ୱାରୋପ



**ବଣାଇ,୨୧।୫:** ଆସନ୍ନ ମୌସୁମୀ ଋତୁରେ ବନ୍ୟା ପରିସ୍ଥିତିର ପରିଚାଳନା ନିମନ୍ତେ ଆଜି ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମାନ୍ୟବର ଉପବାଚସ୍ପତି ଶ୍ରୀ ଭବାନୀ ଶଙ୍କର ଭୋଇ, ମାନ୍ୟବର ସଦର ବିଧାୟକ ଶ୍ରୀ ଯୋଗେଶ କୁମାର ସିଂହ, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ସୁରଞ୍ଜନ ସାହୁ, ସଦର ଉପ-ଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା , ଡେପୁଟି କଲେକ୍ଟର (ଜରୁରୀକାଳୀନ) ଶ୍ରୀ ଅଶ୍ୱିନୀ କୁମାର ପଣ୍ଡା ତଥା ସମସ୍ତ ବିଭାଗୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ। ବୈଠକରେ ବନ୍ୟା ପ୍ରଭାବକୁ ହ୍ରାସ କରିବା ତଥା ଜୀବନ ତଥା ସମ୍ପତ୍ତିର ସୁରକ୍ଷା ପାଇଁ ସମନ୍ୱିତ ପ୍ରସ୍ତୁତି, ସମୟୋଚିତ ପଦକ୍ଷେପ ଏବଂ ଆନ୍ତଃ-ବିଭାଗୀୟ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରଯାଇଥିଲା। ବନ୍ୟା ପ୍ରସ୍ତୁତି ଏବଂ ମୁକାବିଲା ବ୍ୟବସ୍ଥାକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ ଦିଗ ଗୁଡ଼ିକ ଉପରେ ଆଲୋଚନା କରାଯାଇଥଲା, ଯେପରିକି : ବନ୍ୟା ପ୍ରଭାବିତ ଲୋକଙ୍କୁ ନିରାପଦ ସ୍ଥଳକୁ ସ୍ଥାନାନ୍ତରିତ କରିବା, ତଳିଆ ଅଞ୍ଚଳର ଲୋକଙ୍କୁ ଅସ୍ଥାୟୀ ଆଶ୍ରୟ ଗୃହକୁ ସ୍ଥାନାନ୍ତରିତ କରିବା, ଅସ୍ଥାୟୀ ଆଶ୍ରୟ ଗୃହ ଗୁଡିକୁ ଚିହ୍ନଟ କରିବା ଆଦି ।ଏହା ସହିତ ରାସ୍ତା ବିଚ୍ଛିନ୍ନ ହେବା ସ୍ଥିତିରେ ଏହାର ତୁରନ୍ତ ପୁନରୁଦ୍ଧାର କରି ପରିବହନ ତଥା ଜରୁରୀକାଳୀନ ସେବା ଗୁଡ଼ିକ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ମଧ୍ୟ ବୈଠକରେ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ସେହିଭଳି ମୌସୁମୀ ଋତୁରେ ପ୍ରଭାବିତ ପରିବାର ଗୁଡ଼ିକୁ ସମୟରେ ପଲିଥିନ୍ ବଣ୍ଟନ ପାଇଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ତହସିଲଦାରମାନଙ୍କ ମଧ୍ୟରେ ଉଚିତ୍ ସମନ୍ୱୟ ରକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିଭି ଜଳବନ୍ଦୀ ସମସ୍ୟାର ସମାଧାନ ନିମନ୍ତେ ରାଉରକେଲା ମହାନଗର ନିଗମ ତଥା ସମସ୍ତ ପୌର ପରିଷଦରର ନିର୍ବାହୀ ଅଧିକାରୀମାନଙ୍କୁ ମୌସୁମୀ ପୂର୍ବରୁ ସମସ୍ତ ଡ୍ରେନ୍ ଏବଂ ପାଇପଲାଇନ ଗୁଡ଼ିକ ସଫେଇ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା ଏବଂ ଡ୍ରେନେଜ୍ ବ୍ୟବସ୍ଥାର ମାଷ୍ଟର ପ୍ଲାନ ଦାଖଲ ମଧ୍ୟ କୁହାଯାଇଥିଲା।

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ନିମନ୍ତେ ସିଡିଏମଓ ଙ୍କୁ ପର୍ଯ୍ୟାପ୍ତ ପରିମାଣର ସାପ କାମୁଡ଼ା ଇଞ୍ଜେକ୍ସନ , ଓ ଆର୍ ଏସ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଔଷଧ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଓଡ୍ରାଫ (ଡଓଜଇର) ଏବଂ ଅଗ୍ନିଶମ ବାହିନୀକୁ ବନ୍ୟା ଜରୁରୀକାଳୀନ ପରିସ୍ଥିତିର ତୁରନ୍ତ ମୁକାବିଲା ପାଇଁ ଆବଶ୍ୟକୀୟ ସରଞ୍ଜାମ ସହ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିଭଳି ଜରୁରୀକାଳୀନ ପରିସ୍ଥିତିରେ ବିଦ୍ୟୁତ୍ ସେବା ବନ୍ଦ (ଚକ୍ଟଙ୍ଗରକ୍ସ ଝଷଙ୍କଗ୍ଧୟକ୍ଟଙ୍ଗଭ) କରିବା ପୂର୍ବରୁ ଡାକବାଜି ଯନ୍ତ୍ର ଏବଂ ଏସଏମଏସ (ଝଗଝ) ଆଲର୍ଟ ମାଧ୍ୟମରେ ସର୍ବସାଧାରଣଙ୍କୁ ଆଗୁଆ ସୂଚନା ପ୍ରଦାନ କରିବାକୁ ଟି ପି ଡବ୍ଲୁ ଓ ଡି ଏଲ ଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ କୌଣସି ସମୟରେ ବିଦ୍ୟୁତ୍ ସେବା ବିଚ୍ଛିନ୍ନ ହୋଇଥିଲେ ତୁରନ୍ତ ତାହାକୁ ପୁନଃସ୍ଥାପନ କରିବାକୁ କୁହାଯାଇଥିଲା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଗୋପାଳନ ତଥା ଗୃହପାଳିତ ପଶୁମାନଙ୍କର ଉଦ୍ଧାର ଏବଂ ଚିକିତ୍ସା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଔଷଧ ଓ ସରଞ୍ଜାମର ମହଜୁଦ୍ ରଖିବା ଏବଂ କର୍ମଚାରୀଙ୍କ ନିୟୋଜନ ସୁନିଶ୍ଚିତ କରିବାକୁ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ କୁହାଯାଇଥିଲା।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati    Executive Editor : Satyajit Mohapatra    Managing Editor : Jitendra Ku. Pati